# ବିଶ୍ୱାସ ଦ୍ୱାରା ମୋଶା

ଧନ୍ୟବାଦ, ଭାଇ ନେଭିଲ । ଶୁଭସକାଳ, ବନ୍ଧୁଗଣ । ଆଜି ଏଠାରେ ଆରାଧନାଳୟରେ ରହିବାଟା ସୁଖକର ଅଟେ । ଆଉ ମୁଁ ଚିନ୍ତା କରୁଥିଲି ଯଦି ସମ୍ଭବତଃ ମୁଁ ଭାଇ ନେଭିଲଙ୍କୁ ଏହି ସକାଳରେ କହିବା ହେତୁ ପ୍ରବର୍ତ୍ତାଇପାରିବି, ତେବେ ମୁଁ ରାତି ପାଇଁ ଚେଷ୍ଟା କରିବି । ଆଉ ତା'ପରେ ମୁଁ ଏହି ସକାଳର ଶିକ୍ଷା ହେତୁ ବିଗତ ଦିନର ଏକ ରବିବାର ଶ୍ରେଣୀ ଶିକ୍ଷାକୁ ପଛକୁ ଦେଖିବାକୁ ଲାଗିଲି । ଆଉ କି ଏକ...ପ୍ରଭୁଙ୍କର ଇଚ୍ଛାହେଲେ, ଆମେମାନେ ଏହି ରବିବାର ଶ୍ରେଣୀର ଶିକ୍ଷାକୁ—ନେବା ପାଇଁ ଚେଷ୍ଟା କରିବା ।

2 ତେବେ, ମୋ'ର ଘରକୁ ଫେରିବାଟା, ବର୍ତ୍ତମାନ, ପ୍ରାୟଃ ଦୁଇ ସପ୍ତାହ ହେଲାଣି । ଆଉ ଆପଣମାନେ ବୁଝିପାରୁଥିବେ, ଯେ, ସେଠାରେ ବାହାରେ ପ୍ରଚାର କ୍ଷେତ୍ରରେ, ମୁଁ କେତେ ମାନସିକରୂପେ ଦୁର୍ବଳ ହୋଇଯାଇଥାଏ, ଯେ ମୁଁ ବାସ୍ତବରେ, ବାସ୍ତବରେ କ୍ଳାନ୍ତ ହୋଇଯାଇଥାଏ ଆଉ ଟିକେ ହେଲେ ଆଗକୁ ଯାଇପାରେ ନାହିଁ । ଆଉ ସେତେବେଳେ ମୋତେ ଅଳ୍ପଟିକେ ବିଶ୍ରାମ ନେବା ପାଇଁ ଆସିବାକୁ ପଡ଼େ । ଆଉ ମୁଁ ପ୍ରାୟଃ ତିନି ଦିନ ପାଇଁ ତଳେ କେଣ୍ଟକି ପ୍ରଦେଶରେ, ଯେଉଁଠାରେକି ମୋ'ର ଜନ୍ମ, ସେଠାରେ ୱୋଲ୍ଫ କ୍ରୀକ୍ ବନ୍ଧଠାରେ ବିଶ୍ରାମ ନେଲି । ମୁଁ ଚିନ୍ତା କଲି, "ଓଃ, ବର୍ତ୍ତମାନ ମୁଁ କେତେ ଅଦ୍ଭୁତ ଅନୁଭବ କରୁଅଛି । ମୁଁ ଭଲ ଅଛି ।"

3 ପୁଣି ମୁଁ ଘରକୁ ଫେରିଲି, ଆଉ ପ୍ରଥମ ଛୋଟ ବିଷୟ ଯାହାକି ମୋ' ସମ୍ମୁଖରେ ସାକ୍ଷାତ ହେଲା ତାହା ଥିଲା ଆୟକର ସମ୍ବନ୍ଧିତ ଏକପ୍ରକାର ସରକାରୀ ମାମଲା । ମୁଁ ପୁଣି ଥରେ ଅଧୋଗତି ହୋଇପଡ଼ିଲି । ଏଣୁ ମୁଁ ଅନୁଭବ କଲି ଯେ ତାହା ମୋତେ କେବଳ ବିଶ୍ରାମ ଦେବା ପାଇଁ ଗୋଟିଏ କିମ୍ବା ଦୁଇ ସପ୍ତାହରୁ ଅଧିକ ସମୟ ଲାଗିବାକୁ ଯାଉଅଛି ।

4 ଆଉ ବର୍ତ୍ତମାନ ମୋ'ର ସେବାକାର୍ଯ୍ୟଟି ପରିବର୍ତ୍ତନ ହେବା ଦିଗରେ ଯାଉଅଛି । ଆଉ ମୋ'ର କୌଣସି ହେଲେ ସଭା ନିର୍ଦ୍ଧାରିତ କରା ହୋଇନାହିଁ । ଆଉ ସେହି କାରଣ ଯୋଗୁଁ ହିଁ ମୁଁ କେବଳ ଏକପ୍ରକାର ଗୋଟିଏ ପଟକୁ ଆସିଲି, ଓ ଏହା ଚିନ୍ତା କଲି ଯେ, ବର୍ତ୍ତମାନ ପରବର୍ତ୍ତୀ କେତୋଟି ସପ୍ତାହ ନିମନ୍ତେ, ମୁଁ କେବଳ ଏକ ବିଶ୍ରାମ ନେବି, ସମ୍ପୂର୍ଣ୍ଣ ବିଶ୍ରାମ ନେବି, ଓ ପ୍ରଭୁଙ୍କଠାରେ ଅପେକ୍ଷା କରି ରହିବି ।

5 ଆଉ ଆପଣମାନଙ୍କ ମଧ୍ୟରୁ ଅନେକେ ଏଠାରେ, ଯେଉଁମାନେକି ପୁରୁଣା-କାଳିଆ ଲୋକମାନେ ଅଟନ୍ତି, ଯେଉଁମାନେକି ଅନେକ ସମୟରୁ ଆମମାନଙ୍କ ସହିତରେ ରହିଆସିଛନ୍ତି, ଆପଣମାନଙ୍କୁ ମନେଥିବ ଯେ ପ୍ରଭୁ ଆମମାନଙ୍କୁ କ'ଣ କହିଅଛନ୍ତି, ଆଉ ଯାହା ସେ କରିବେ ବୋଲି କହିଅଛନ୍ତି ତାହା ସେ ସର୍ବଦା କରିଆସିଛନ୍ତି ।

6 ଆପଣମାନଙ୍କର ମନେଥିବ ଯେ, ସବା ଆରମ୍ଭରୁ ଏଠାରେ ଗୀର୍ଜାଘରେ, ସେହି ସକାଳରେ ଯେତେବେଳେକି ଆମେମାନେ ଆରାଧନାଳୟର ଭିତ୍ତିପ୍ରସ୍ତର ସ୍ଥାପନ କଲୁ, କିପରି ଭାବରେ ସେ...ତାହା ଲିଖିତ, ଓ ମୋ'ର ବାଇବଲର ନଥି-ପତ୍ରରେ ଲେଖା ହୋଇ, ପ୍ରସ୍ତରରେ ସ୍ଥାପିତ କରାଯାଇଅଛି । ସେହି ସକାଳରେ, ସେହି ମହାନ ଦର୍ଶନଟି, କହିଲା, "ଏହା ତୋ'ର ଆରାଧନାଳୟ ନୁହେଁ ।"

7 ମୁଁ ପଚାରିଲି, "ପ୍ରଭୁ, ତାହା କେଉଁଠି ଅଟେ?" ଆଉ ସେ ମୋତେ ଆକାଶ ତଳେ ନେଇ ବସାଇଲେ । ଆଉ ଏକ ରବ ଆସିଲା । ଆଉ ମୁଁ ଦୃଷ୍ଟିପାତ କଲି ଓ ସେଠାରେ ତିନୋଟି କ୍ରୁଶକୁ ଦେଖିଲି, ଯେପରିକି, ବୃକ୍ଷମାନ ଓ ସେଥିର ଫଳମାନ, ପ୍ରଭୃତି ଆଦି । ଆପଣମାନେ ଜାଣନ୍ତି ଯେ ସେହି ଦର୍ଶନଟି କ'ଣ ଅଟେ । ତାହା ଅନେକ ବର୍ଷ ହେଲା, ଲେଖା ଯାଇଅଛି ।

8 ଅନ୍ୟ ଏକ ଦିନେ, ସେଠାରେ ପଡ଼ିରହିଥିବା, ଗୋଟିଏ ପୁରୁଣା ବହିକୁ ଗୋଟାଇଲି, ଓ ପ୍ରଭୁ କହିଥିବା, ପୂର୍ବରୁ କହିଥିବା କେତୋଟି ବିଷୟମାନଙ୍କୁ ପାଠ କରୁଥିଲି; ଯାହାକି ଘଟିଯାଇଅଛି । ଯେପରିକି ଯୌବନାବସ୍ଥା ସମ୍ବନ୍ଧିତ ଅପରାଧମାନ, ଓ ସେ ବିଷୟରେ ଯେ କିପରି ଭାବରେ ଯୁଦ୍ଧ ଘଟିବ, ଆଉ ସେହି ସମସ୍ତ ବିଷୟସବୁ ଘଟିସାରିଅଛି ।

9 କେବଳ ଦୁଇଟି ବିଷୟ ବାକି ଅଛି, ସେହି ମହାନ ଭବିଷ୍ୟତ୍‌ବାଣୀମାନଙ୍କ ମଧ୍ୟରୁ ଗୋଟିକରେ । ତାହା ହେଲା, ଗୋଟିଏ ଅଣ୍ଡା ଆକୃତି ବିଶିଷ୍ଟ କାର୍‌ଯାନଗୁଡ଼ିକ, ଯାହାକି ଦୂରବର୍ତ୍ତୀ ସ୍ୱୟଂଚାଳିତ ଏକ ନିୟନ୍ତ୍ରଣ ଯନ୍ତ୍ର ସହିତ ସଂଲଗ୍ନ ଥାଇ ରାସ୍ତା ଉପରେ ଚାଲୁଥିବ, କେବଳ ଆପଣ ତାହା ଚଲାଉ ନ ଥିବେ । ତାହା ସ୍ୱୟଂ ନିଜକୁ ନିୟନ୍ତ୍ରଣ କରୁଥିବ । ଆଉ ତା'ପରେ ସେଠାରେ ଏକ ମହାନ ସ୍ତ୍ରୀଲୋକ ଜଣେ ଉଠି ଛିଡ଼ା ହେବ, କାରଣ ଆମେରିକା ଏକ ସ୍ତ୍ରୀର ରାଷ୍ଟ୍ର ଅଟେ । ଆଉ ତାହା ହେବ...ଜଣେ ମହାନ ସ୍ତ୍ରୀଲୋକ ଉଠି ଛିଡ଼ା ହେବ, ଆଉ ରାଷ୍ଟ୍ରପତି ଅବା ସେପରି କିଛି ଗୋଟାଏ, ସେହି ରାଷ୍ଟ୍ରରେ ହେବ । ଆଉ ତା'ପରେ ସେଠାରେ ଏକ ସମ୍ପୂର୍ଣ୍ଣ ସମୂଳେ ବିନାଶ ଆସିବ । ସମଗ୍ର ରାଷ୍ଟ୍ରଟି ଉଚ୍ଛିନ୍ନ ହୋଇଯିବ ।

10 ଆଉ, ଏହା ଯେ, ମୁଁ ଭବିଷ୍ୟତ୍‌ବାଣୀ କରିଥିଲି...ତେବେ ଏହା ପ୍ରଭୁ ନୁହଁନ୍ତି ଯିଏକି ଏହା କହିଥିଲେ । (ସେହି ଅନ୍ୟ ବିଷୟଟି, ସେହି ସ୍ତ୍ରୀଲୋକ ସମ୍ବନ୍ଧରେ, ତାହା, ତାହା ପ୍ରଭୁ କହିଥିଲେ ।) ମାତ୍ର 1933 ମସିହାରେ, ମୁଁ ଏହା ଭବିଷ୍ୟତ୍‌ବାଣୀ କରିଥିଲି ଯେ, 1977 ମସିହା ପୂର୍ବରୁ ଜଗତ ସମ୍ପୂର୍ଣ୍ଣଭାବେ ସମୂଳେ ବିନାଶ ହୋଇଯିବ ।

11 ଏଣୁ, ମୁଁ ସେତେବେଳେ ଏହା ଜାଣି ନ ଥିଲି ଯେ ସେମାନଙ୍କ ପାଖରେ ଏପରି କିଛି ବିଷୟ ରହିଥିଲା ଯାହାକି ଏହି ବିନାଶକୁ ଘଟାଇପାରିବ ଯେପରିକି ବର୍ତ୍ତମାନ ସେମାନଙ୍କ ପାଖରେ ତାହା ରହିଅଛି, ମାତ୍ର ମୁଁ ସେହି ରାଷ୍ଟ୍ରକୁ ସମ୍ପୂର୍ଣ୍ଣ ଧ୍ୱଂଶାବିଶେଷରେ ଥିବାର ଦେଖିଲି, କେବଳ ଯାହା ବାକି ରହିଯାଇଥିଲା, ତାହା ଗଛମାନର ଗଣ୍ଡିଗୁଡ଼ିକ ଓ ସେହିପରି ବିଷୟ ପ୍ରଭୃତିସବୁ ଥିଲା ।

12 ଏଣୁ, ଏହା ତାହାର ମାର୍ଗରେ ଅଛି । ଆଉ ଯଦି ଏହି ଅନ୍ୟାନ୍ୟ ବିଷୟସବୁ ଠିକ୍ ସେହିପରି ଭାବରେ ଘଟିଆସିଛି ଯେପରିକି ସେ କହିଅଛନ୍ତି, ତାହାହେଲେ ଏହା ମଧ୍ୟ ସଂଘଟିତ ହେବ, ଠିକ୍ ଯେପରିକି ସେ ଏଠାରେ ପବିତ୍ରଶାସ୍ତ୍ରରେ କହିଅଛନ୍ତି, ଯାହା ସେ କହନ୍ତି, ଯଦି ଖ୍ରୀଷ୍ଟ ପ୍ରଥମଥର ଆସିଥିଲେ, ସେ ଦ୍ୱିତୀୟଥର ମଧ୍ୟ ଆସିବେ । ଆଉ ସେହି ସମସ୍ତ ବିଷୟମାନ ଯାହା ସେ କହିଅଛନ୍ତି ସଂଘଟିତ ହେବ । ଆଉ ଏସବୁ ବିଷୟ ସୁଚାରୁ ରୂପେ ଦେଖି, ଓ ଜାଣି ଯେ ଆମେମାନେ...ଏହା ଜାଣି ଯେ ମଣ୍ଡଳୀ ତା'ର ଉର୍ଦ୍ଧାନ୍ତିକରଣରେ ଯିବା ହେତୁ ପ୍ରାୟତଃ ପ୍ରସ୍ତୁତ ଅଟେ, ଆମମାନଙ୍କର ସଂଖ୍ୟା ମଧ୍ୟ ଏକ ରାଷ୍ଟ୍ରରୂପେ, ଡକାଯିବା ହେତୁ ପ୍ରସ୍ତୁତ ଅଟେ । ତାହା ଜଣେ ସେବକର, କିଅବା ଯାଜକବର୍ଗ ମଧ୍ୟରୁ କାହାରିର ହୃଦୟକୁ ଉଦ୍‌ବିଗ୍ନ କରିଦିଏ, ଏହା ଜାଣିବାକୁ ଯେ ଆମେମାନେ ଏହି ଯେଉଁ ଦିନ ଓ ସମୟରେ ରହୁଅଛୁ ଏହା ତାହାହିଁ ଅଟେ । ପୃଥିବୀରେ କଦାଚିତ୍ ରହିଥିବା କୌଣସି ବ୍ୟକ୍ତି ପାଇଁ ଏହା ସବୁଠୁ ମହାନତମ ସମୟ ଅଟେ, ଅର୍ଥାତ୍, ଯାହାକି ମଣ୍ଡଳୀ ପାଇଁ ଅଟେ; ତାହା ଠିକ୍ ବର୍ତ୍ତମାନର ସମୟ ଅଟେ । ଏଣୁ, ମୁଁ ନିଶ୍ଚିତରେ ଆପଣମାନଙ୍କର ପ୍ରାର୍ଥନାସବୁ ଆବଶ୍ୟକ କରେ ।

13 ଆଉ ତେବେ ମୁଁ ଆରାଧନାଳୟରେ ଦେଖିଲି, ଆଉ ମୁଁ ଦେଖିଲି ଯେ ସେମାନଙ୍କର ରହିଥିଲା...ମଣ୍ଡଳୀରେ, ପରିଚାଳନା ସମିତି ଓ ସେହିପ୍ରକାର ଅନ୍ୟାନ୍ୟ କାର୍ଯ୍ୟସବୁ ପାଇଁ, ସେମାନଙ୍କର ପୁନଃ-ନିର୍ବାଚନ ଓ ସବୁକିଛି ହେବାକୁ ରହିଥିଲା ।

14 ଆଉ—ଆଉ ମଣ୍ଡଳୀର ଏକ ଛୋଟ ସେବା, ଏକ ଛୋଟ ଦୋହଲାଇବା ଆବଶ୍ୟକ କରୁଥିଲା । ଆଉ ଆପଣମାନେ ସଦାସର୍ବଦା ମୋ' ପ୍ରତି ସହୃଦୟ ରହିଆସିଛନ୍ତି, ଓ ମୋତେ ଆଶୀର୍ବାଦ କରିଛନ୍ତି । ଆଉ ମୋ'ର ଏଠାରେ ରହିବା ଦ୍ୱାରା, ମୁଁ ଭାବୁଛି ଏହା ଆପଣମାନଙ୍କ ପାଇଁ ଏକ ଆଶୀର୍ବାଦର ବିଷୟ ହୋଇଥିଲା ।ଆଉ ମୁଁ ସୁନିଶ୍ଚିତ ଅଟେ ଯେ, ଆପଣମାନଙ୍କ ସାଙ୍ଗରେ ରହିବାଟା, ମୋ' ପାଇଁ ମଧ୍ୟ ଏହା ଏକ ଆଶୀର୍ବାଦର ବିଷୟ ହୋଇଅଛି । ଆଉ ଆପଣମାନେ ସର୍ବଦା ତାହାକୁ ସତ୍ୟ ବୋଲି ଗ୍ରହଣ କରିଅଛନ୍ତି ଯାହା ମୁଁ କହିଅଛି, ଯେହେତୁ ମୁଁ ତାହା ପରମେଶ୍ୱର ଦେଇ ଦେଖିଥାଏ । ଆଉ ମୁଁ—ମୁଁ ତାହା ପ୍ରଶଂସା କରେ ।

15 ଏଣୁ ତେବେ, ମୁଁ ଆରମ୍ଭ କଲି, ଆଉ ତା'ପରେ ମୋତେ ଏହା ଖୋଜି ବାହାର କରିବାକୁ ଥିଲା, ଆଉ ଆମର ମଣ୍ଡଳୀକୁ ତାହାର ପରିଚାଳନା ସମିତିମାନରେ, ପୁଣି ତା'ପରେ ନିର୍ବାଚନମାନ ପାଇଁ ଓ ପ୍ରଭୃତିସବୁ ବିଷୟ ପାଇଁ, ସଳଖ କରିବାକୁ ଥିଲା । ଆଉ ତା'ପରେ—ତା'ପରେ, ମୁଁ ଭାବିଲି, ଏହାର ପରେ, ମୁଁ ବାହାରକୁ ବାହାରିଲି ଓ ପୁଣିଥରେ ପ୍ରଚାର କ୍ଷେତ୍ରକୁ ଯିବାର ପୂର୍ବେ ଯାଇ ଅଳ୍ପ ଟିକେ ବିଶ୍ରାମ ନେଲି ।

16 ଏହାକୁ ଆପଣମାନଙ୍କ ମଧ୍ୟରେ ରଖନ୍ତୁ । ତେବେ, ଏହା ବାହାରର ଲୋକମାନଙ୍କ ପାଇଁ ନୁହେଁ । ଏହା ଏହି ଆରାଧନାଳୟ ପାଇଁ ଅଟେ । ଆମେମାନେ ଏହି ଆରାଧନାଳୟ ସହିତ ଏକ ସଭା ଚାହୁଁ, ଯେପରିକି ପ୍ରତ୍ୟେକଟି ବିଷୟ, ଓ ପ୍ରତ୍ୟେକଟି ତ୍ରୁଟି, ସେହି ସମସ୍ତ ବିଷୟ ଯାହାକି ଚାଲିଆସିଛି, ଆଉ ହୋଇପାରେ ଜଣେର ଅନ୍ୟପ୍ରତି ପରସ୍ପର ଛୋଟ ଛୋଟ ଅନୁଭୂତିମାନ;

ସେଗୁଡ଼ାକ, ମୁଁ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଗୋଟିଏ ଗୋଟିଏକୁ ନେବାକୁ ଯାଉଅଛି ଓ ସେଗୁଡ଼ିକୁ ଜଣେ ଅନ୍ୟର ସମ୍ମୁଖା-ସମ୍ମୁଖୀ ଆଣିବାକୁ ଯାଉଅଛି। ଏଣୁ ଯଦି ଆପଣ ତାହାର ସମ୍ମୁଖୀନ ହେବାକୁ ଚାହୁଁ ନାହାଁନ୍ତି, ତେବେ ଭଲ ହେବ ଯେ ଆପଣ ଦେଶ ଛାଡ଼ି ଚାଲିଯାଆନ୍ତୁ; କାରଣ ଆପଣ ତାହାର ପ୍ରତ୍ୟେକଟି ବିଷୟ ସହିତରେ ସମ୍ମୁଖା- ସମ୍ମୁଖୀ ହେବାକୁ ଆସୁଛନ୍ତି, ଠିକ୍ ଯେପରିକି ଆମେମାନେ ଏଠାରେ ଆରାଧନାଳୟରେ ଆଗରୁ କରୁଥିଲୁ। ଆଉ ସମସ୍ତ ବିଷୟକୁ ସଠିକ୍ କରିବାକୁ ଅଛି, ଯେହେତୁ ଆମେମାନେ ଭାଇ ଓ ଭଉଣୀ ଅଟୁ ଯେଉଁମାନେକି ଆଶୀର୍ବାଦର ମେଜରେ, ପ୍ରଭୁଭୋଜକୁ, ଖ୍ରୀଷ୍ଟଙ୍କର ଶରୀରକୁ ଭାଙ୍ଗି ଗ୍ରହଣ କରିଅଛୁ। ଆଉ ଏହା ଅନ୍ୟ କିଛି ନୁହେଁ ବରଂ ଶୟତାନ ଅଟେ ଯିଏକି ଏହିପ୍ରକାର ବିଷୟ କରୁଥାଏ ଯାହାସବୁକି ଭୁଲ ଅଟେ, ଓ ଏହିପରି ଅନୁଭୂତିମାନ ନେଇ ଆସୁଥାଏ, କିଅବା ଭାଙ୍ଗୁଥାଏ, ଅବା ଏହିପରି ଅନ୍ୟାନ୍ୟ ବିଷୟସବୁ କରୁଥାଏ। ଆଉ ମୁଁ ଆମର ଭାଇ ନେୱିଲ୍‌କୁ ସଙ୍ଗରେ ନେଉଅଛି, ଆଉ ଆମେମାନେ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯାଉଅଛୁ, ଓ ଲୋକମାନଙ୍କୁ, ପରସ୍ପର ସହିତ ଏକାଠି ଆଣୁଅଛୁ, ଯେପର୍ଯ୍ୟନ୍ତକି ସେହି ପୁରାତନ ଆରାଧନାଳୟଟି ଫେରି ନ ଆସିଯାଏ, ପୁଣିଥରେ, ସେ ନିଜର ଗୋଡ଼ରେ, ପରମେଶ୍ୱରଙ୍କ ରାଜ୍ୟ ପାଇଁ ଯିବା ହେତୁ ପୁନଃସ୍ଥାପିତ ନ ହୋଇଯାଏ। ତେବେ, ଏହାହିଁ କାରଣ ଅଟେ ଯେ, ମୁଁ ଏହାସବୁ କହିଅଛି, ଯେହେତୁ ଏଠାରେ ଏହି ସକାଳରେ ତାହା ଆମର ନିଜର ଛୋଟ ସମୂହ ସହିତ ହିଁ ଅଟେ।

17 ଆଉ ତେବେ ମୁଁ କିଛି ବିଶ୍ରାମ ନେବାକୁ ଯାଉଅଛି, ଓ ଯେତେ ଶୀଘ୍ର ପାରିବି ସେତେ ଶୀଘ୍ର ଫେରି ଆସିବାକୁ ଯାଉଅଛି। ତା'ପରେ ମୁଁ ପୁର୍ନବାର ପ୍ରଚାର କ୍ଷେତ୍ରକୁ ଫେରିଯିବାର ଆଶା କରେ। ଆଉ ଏହିଥରକ, ପ୍ରଭୁଙ୍କର ଇଚ୍ଛା ହେଲେ, ଯାହା ଅଳ୍ପ କିଞ୍ଚିତ ଧନରାଶି ଆମେ ଗଚ୍ଛିତ କରି ରଖିଅଛୁ, ମୋ ପାଖରେ, କିଅବା ସେହିପରି କିଛି ଅଛି, ତାହା ମୁଁ...ଏହି ବିଦେଶ ଗସ୍ତ ପ୍ରଚାର କ୍ଷେତ୍ର କାର୍ଯ୍ୟକ୍ରମରେ ନେଇଯିବାକୁ ଇଚ୍ଛା କରେ। ଆଉ ମୋ' ପାଇଁ ଏକ ନୂଆ ତମ୍ବୁ, ଆଉ ଅନ୍ୟ କିଛି ନୂଆ ଉପକରଣମାନ ନେବାକୁ ଚାହେଁ, ଓ ପ୍ରଚାର କ୍ଷେତ୍ରରେ ଆରମ୍ଭ କରିବାକୁ ଚାହେଁ। ତାହା ଏଥରକ ଗୋଟିଏ ମଣ୍ଡଳୀରୁ ଅନ୍ୟ ମଣ୍ଡଳୀକି ନୁହେଁ, ବରଂ ଆମମାନଙ୍କର ନିଜର ସଭାଗୁଡ଼ିକରେ ଯିବି।

18 ତେବେ, ଏହା ସେହି ଭାଇମାନଙ୍କ ପ୍ରତି ଉପେକ୍ଷା କରିବା ନୁହେଁ ଯେଉଁମାନେକି ମୋତେ ଆମନ୍ତ୍ରଣ କରିଅଛନ୍ତି, ଯାହାକି ଖୁବ୍ ଉତ୍ତମ ବିଷୟ ଅଟେ। ମାତ୍ର ଏଥିର ଅଧିକାଂଶରେ, ଆପଣମାନେ ପାଇବେ ଯେ ଏହି ସଭାଗୁଡ଼ିକରେ, ସେମାନେ କହନ୍ତି ଯେ ଆପଣ ସେଠାରେ ଆସିବାକୁ ଯାଉଛନ୍ତି, ଆଉ ତା'ପରେ ଆପଣଙ୍କର ସମସ୍ତ ବନ୍ଧୁମାନେ ଆସିଯାଆନ୍ତି, ଆଉ ତତ୍‌ପଶ୍ଚାତ୍ ସେଠାରେ ଧନରାଶି ଦେବାର ବା ସଂଗ୍ରହ କରିବାର ଏକ ବହୁତ ବଡ଼ ବିଷୟ ହୋଇଥାଏ। ଏହା ସେହି ଲୋକମାନଙ୍କୁ ସମ୍ପୂର୍ଣ୍ଣ ଭାବରେ କ୍ଷୟଚିତ୍ତ କରିଦେଇଥାଏ। ଆପଣମାନେ ଦେଖନ୍ତୁ ଯେ, ମୁଁ ସେହି ବିଷୟକୁ ହୃଦୟଙ୍ଗମ କରିବାକୁ ଆରମ୍ଭ କଲି। ଏଣୁ ତାହା—ତାହା ଠିକ୍ ନୁହେଁ। ଆମେମାନେ ଏପରି ଏକ ସ୍ଥାନ ଚାହୁଁଅଛୁ ଯେଉଁଠାରେକି

ଆମେମାନେ ସେମାନଙ୍କୁ ନେଇ ଆସିପାରୁ। ଆପଣମାନଙ୍କୁ ଆପଣଙ୍କର ଧନ ନେଇ ଆସିବାର ଦରକାର ନାହିଁ। କେବଳ ଆପଣ ଆସନ୍ତୁ, ନିଜେ, ଓ—ଓ ପ୍ରଭୁଙ୍କର ସେବା କରନ୍ତୁ। ବୁଝିଲେ? ଆଉ ଏଣୁକରି ତେବେ...

19 ଆଉ ମୋ'ର ସେବାକାର୍ଯ୍ୟଟି ଠିକ୍ ବର୍ତ୍ତମାନ ଏକ ପରିବର୍ତ୍ତନର ଦିଗ ନେଇଅଛି। ଆପଣମାନଙ୍କର ମନେଥିବ ଯେ ଯେତେବେଳେ ମୁଁ ଜଣେ ବ୍ୟକ୍ତିର ହାତକୁ ନିଜ ହାତରେ ଧରୁଥିଲି, ଓ ସେଠାରେ କେବଳ ଛିଡ଼ା ହେଉଥିଲି, ଆଉ ପ୍ରଭୁ ମୋତେ କହି ଦେଉଥିଲେ ଯେ ସେମାନଙ୍କର କ'ଣ ସମସ୍ୟା ଅଛି। ସେ କହିଲେ, "ଏହାପରେ ଏହା ହେବ ଯେ, ତୁମେ ଲୋକମାନଙ୍କର ହୃଦୟର ଗୁପ୍ତ କଥା ଜାଣିବ।" ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକେ ଏହା ଜାଣନ୍ତି ଯେ ତାହା ଯେପରି କୁହାଯାଇଥିଲା, ତାହା ଅବିକଳ ଭାବରେ ଠିକ୍ ସେହିପରି ହିଁ ଘଟିଥିଲା। ତେବେ ପରବର୍ତ୍ତୀ ପଦକ୍ଷେପଟି ଏହା, ଯାହା ବିଷୟରେକି ଭବିଷ୍ୟତ୍‌ବାଣୀ କରାଯାଇଅଛି ଓ ପୂର୍ବରୁ କୁହାଯାଇଅଛି, ଯାହାକି ଆପଣମାନେ ଦେଖନ୍ତୁ, ତାହା ଏହି ଅନ୍ୟ କୌଣସି ବିଷୟ ଅପେକ୍ଷା ବହୁତ ଅଧିକ ଉଚ୍ଚତର ଓ ମହାନ ବିଷୟ ହେବାକୁ ଯାଉଅଛି। ଆଉ ତାହା ଠିକ୍ ବର୍ତ୍ତମାନ ହିଁ ପରିବର୍ତ୍ତନଭୁକ୍ତ ଅଟେ।

20 ଆଉ ଏହାହିଁ କାରଣ ଅଟେ ଯେ ଶୟତାନ ମୋ' ସହିତ ଆୟକର ବିଷୟ ନେଇ ଲଢୁଅଛି, ଓ ମୋତେ ଏହା କହିବାକୁ ଚେଷ୍ଟା କରୁଅଛି ଯେ, ଜଣେ ସେବକ ଭାବରେ, ବିଗତ ସତେଇଶ ବର୍ଷରୁ ନେଇ ଯେତେବେଳେକି ମୁଁ ସେବାକାର୍ଯ୍ୟ ମଧ୍ୟକୁ ପ୍ରବେଶ କଲି, ଯାହାସବୁ ମୁଁ ଦାନ ପାଇଅଛି, ସେହି ପ୍ରତ୍ୟେକଟି ପଇସା ଉପରେ ଆୟକର ଦେବାପାଇଁ ମୁଁ ସରକାରଠାରେ ଋଣୀ ଅଟେ। ଏହା ସେହିପରି ନୁହେଁ, କାରଣ ତାହା ଏଠାରେ ମଣ୍ଡଳୀ ଦେଇ ଅତିକ୍ରମ କରାହୋଇ ମଞ୍ଜୁର କରାଯାଏ।

21 ମୁଁ ଏହି ମଣ୍ଡଳୀର ତତ୍ତ୍ୱାବଧାରକ ଟ୍ରଷ୍ଟୀ ଅଟେ। ତାହା ସମ୍ପୂର୍ଣ୍ଣ ଠିକ୍ ଅଟେ। ତାହା ଏଠାରେ କାଗଜପତ୍ରରେ ଲିପିବଦ୍ଧ ଅଛି। ଏଣୁ, ତେବେ, ଯଦି ମୁଁ ଏହି ମଣ୍ଡଳୀର ତତ୍ତ୍ୱାବଧାରକ-କୋଷାଧ୍ୟକ୍ଷ ଅଟେ, ତାହାହେଲେ ଜଗତରେ ଏପରି କୌଣସି ବିଷୟ ନାହିଁ...ସରକାରର ଏଥି ସହିତ କୌଣସି କାରବାର ନାହିଁ। ସେମାନେ ମଣ୍ଡଳୀକୁ ପ୍ରଶ୍ନ କରୁନାହାଁନ୍ତି। ସେମାନେ ମୋତେ ମଣ୍ଡଳୀର କୋଷାଧ୍ୟକ୍ଷ ହୋଇଥିବା ଯୋଗୁଁ ପ୍ରଶ୍ନ କରୁଅଛନ୍ତି। ଆଉ ତତ୍ତ୍ୱାବଧାରକ ଟ୍ରଷ୍ଟୀମାନେ ଗୋଟିଏ କାଗଜପତ୍ର ହସ୍ତାକ୍ଷର କରିଛନ୍ତି ଯାହାକି ସେଠାରେ ବ୍ୟାଙ୍କରେ ରହିଛି, ଯେ ମୋର ସମସ୍ତ ଧନରାଶି...ମୁଁ ମୋ'ର ଗୋଟିଏ ପ୍ରତିଷ୍ଠାନ କରିବା ବଦଳରେ, ମୁଁ ଏଠାରେ ମୋ'ର ମଣ୍ଡଳୀ ଦେଇ ତାହାସବୁ ମଞ୍ଜୁର କରାଇଥାଏ, ଯେହେତୁ ଏହା ଯେକୌଣସି ଭାବରେ ହେଲେ, ସ୍ୱତଃ ହିଁ ଏକ ପ୍ରତିଷ୍ଠାନ ଅଟେ।

22 ଆଉ ଏହା କରିବାକୁ ହେଲେ, ତାହା ମୋତେ ମଣ୍ଡଳୀ ଛାଡ଼ି ଦୂରକୁ ଚାଲିଯିବାଠାରୁ, ଓ ବାହାରି ଯାଇ ଏଥି ସହିତ କୌଣସି ସମ୍ବନ୍ଧ ନ ରଖିବାଠାରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ। ମୁଁ ଲୋକମାନଙ୍କୁ ଏହା ପ୍ରତିଶ୍ରୁତି ଦେବା ପରେ ଯେ ମୁଁ ବାରମ୍ବାର ସମୟ ସମୟ

ଧରି, ମଣ୍ଡଳୀକୁ ଫେରି ଆସୁଥିବି, ଓ ସେମାନଙ୍କୁ ସାହାଯ୍ୟ କରୁଥିବି। ଏହାହିଁ କାରଣ ଅଟେ ଯେ ମୁଁ ତାହାକୁ ସେହିପରି ଭାବରେ ରଖିଅଛି, କାରଣ ମୁଁ ଆପଣ ଲୋକମାନଙ୍କୁ ଏକ ପ୍ରତିଶ୍ରୁତି ଦେଇଅଛି। ଏଣୁକରି ମୁଁ ଗୋଟିଏ ବ୍ୟକ୍ତି ବିଶେଷକୁ ନ ରଖି, ତା' ବଦଳରେ ତାହା ସହିତ ଏହିପରି ଭାବରେ ରହିଥାଏ। ତା'ପରେ, ଯଦି ଆପଣ ତାହା କରନ୍ତି, ତେବେ ତାହା ଏହାକୁ ଗୋଟିଏ ସଂସ୍ଥା ଆଡ଼କୁ ନେଇଯାଏ। ଆଉ ମୁଁ କଡ଼ାକଡ଼ି ଭାବରେ ସଂସ୍ଥାର ବିରୁଦ୍ଧରେ ଅଟେ। ଏଣୁ ମୁଁ—ମୁଁ ଏହାକୁ ଯେପରି ଭାବରେ ତାହା ଅଛି, ଠିକ୍ ସେପରି ଭାବରେ ପରମେଶ୍ୱରଙ୍କ ହସ୍ତରେ ରଖିବି, ଯେପରିକି ଆମେମାନେ ପରମେଶ୍ୱରଙ୍କ ରାଜ୍ୟ ନିମନ୍ତେ ଅଗ୍ରସର ହୋଇପାରିବା।

23 ବର୍ତ୍ତମାନ, ଏହି ସକାଳରେ, ଆମେମାନେ ଏହି ଆଶୀଷିତ ପୁରୁଣା ବାକ୍ୟକୁ ଅଧ୍ୟୟନ କରିବାକୁ, ଓ ବିଶ୍ୱାସ କରିବାକୁ ଚାହୁଁ।

24 ତେବେ, ମୁଁ ଏହା ମଧ୍ୟ, କହିବାକୁ ଚାହେଁ...ଭାଇ ଇଗାନ୍ ଓ ଅନେକଙ୍କୁ, ତତ୍ତ୍ୱାବଧାରକମାନଙ୍କ ମଧ୍ୟରୁ କେତେକଙ୍କୁ ଏଠାରେ ବସିଥିବାର ଦେଖୁଅଛି, ତେବେ ଆମେମାନେ ଆମର ତତ୍ତ୍ୱାବଧାରକ ଟ୍ରଷ୍ଟୀମାନଙ୍କ ସଭା, ଅନ୍ୟ ଏକ ରାତ୍ରରେ ଆୟୋଜନ କରିସାରିବା ପରେ; ଏହା ସତ ଅଟେ, ମୁଁ ସାର୍ବଜନୀନ ଭାବରେ ଘୋଷଣା କରେ ଯେ, ଆପଣମାନଙ୍କ ସମସ୍ତଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ଆଉ ଅଧିକ—ଆଉ ନିଯୁକ୍ତିପ୍ରାପ୍ତ ତତ୍ତ୍ୱାବଧାରକ ଟ୍ରଷ୍ଟୀ ନୁହଁନ୍ତି। ଆପଣମାନେ ନିର୍ବାଚିତ ତତ୍ତ୍ୱାବଧାରକ ଟ୍ରଷ୍ଟୀ ଅଟନ୍ତି, ଆଉ ଆପଣମାନଙ୍କର ନାମ କାଗଜପତ୍ର ପୁସ୍ତକମାନରେ ରହିଛି। ଠିକ୍ ଅଛି।

25 ଆଉ ତେବେ ଦୀକନମାନଙ୍କ ପାଇଁ—ପାଇଁ, ଓ ସେହିପରି ପ୍ରଭୃତିମାନଙ୍କ ପାଇଁ ସେମାନଙ୍କର ଆଉ କେତେ ଗୁଡ଼ିଏ ନିର୍ବାଚନ ହେବାକୁ ଯାଉଅଛି। ଆଉ ଭାଇ ନେଭିଲ୍, ଏହି ସଭାର ଠିକ୍ ପରେ ହିଁ ତତ୍‌କ୍ଷଣାତ୍ ତାହା ପାଇଁ ଡାକରା ଦେବାକୁ ଯାଉଅଛନ୍ତି, ଠିକ୍ ଅଛି, ଆଉ କୋଷାଧ୍ୟକ୍ଷ ପାଇଁ ଓ ପ୍ରଭୃତିସବୁ ପାଇଁ, ଯେତେବେଳେକି ଆମେ ମଣ୍ଡଳୀକୁ ସୁବ୍ୟବସ୍ଥିତ କରୁଥାଉ। ସମସ୍ତ ପୃଷ୍ଠପଟଗୁଡ଼ିକୁ, ପ୍ରସ୍ତୁତ କରିନେଉ, ତା'ପରେ ଯାଇ ଆମେମାନେ ଏକ ଉଦ୍ଦୀପନା ପାଇପାରିବା ଯେତେବେଳେକି ତାହା ଆସେ।

26 ତେବେ, ଏହା ପୂର୍ବେକି ଆମେମାନେ ଆମର ରବିବାର ଶିକ୍ଷା ପାଠ ନିମନ୍ତେ, ଜୀବିତ ପରମେଶ୍ୱରଙ୍କର ଏହି ମହାନ ବାକ୍ୟର ପୃଷ୍ଠାଂଶଗୁଡ଼ିକୁ ଏଠାରେ ଓଲଟାଉ, ଆସନ୍ତୁ, ଆମେମାନେ ଅଳ୍ପକ୍ଷଣ ପାଇଁ ନିଜର ମସ୍ତକଗୁଡ଼ିକୁ ନତ କରିବା, ଯେତେବେଳେକି ଆମେମାନେ ଏହି ପୁସ୍ତକର ଲେଖକଙ୍କ ସହିତ କଥା ହେଉ। ଆଉ ବର୍ତ୍ତମାନ ସମସ୍ତ ଚିନ୍ତାକୁ, ପ୍ରତ୍ୟେକ ସେହି ବିରୋଧାଭାସୀ ବିଷୟକୁ, ଯାହାକି ଆପଣଙ୍କୁ ଏକ ଆଶୀର୍ବାଦ ପାଇବାରୁ ବଞ୍ଚିତ କରିଥାଏ, ସେଗୁଡ଼ିକୁ ଗୋଟିଏ ପଟକୁ ରଖିଦିଅନ୍ତୁ।

ଆସନ୍ତୁ ପ୍ରାର୍ଥନା କରିବା।

27 ଅତ୍ୟନ୍ତ ପବିତ୍ର ଓ ଧାର୍ମିକ ପରମେଶ୍ୱର, ବର୍ତ୍ତମାନ ଆମେମାନେ ତୁମ୍ଭର ଆଶୀଷିତ ମହିମାମୟ ଛାମୁକୁ ଆସୁଅଛୁ, ଓ ଆମର ଜୀବନଗୁଡ଼ିକୁ, ଓ ଆମର—ଆମର ପ୍ରାଣଗୁଡ଼ିକୁ, ଓ ଆମର ଦେହଗୁଡ଼ିକୁ, ଓ ଆମର ସେବାଗୁଡ଼ିକୁ, ଓ ଆମର ପ୍ରତିଭାଗୁଡ଼ିକୁ, ତୁମ୍ଭଠାରେ ଅର୍ପଣ କରୁଅଛୁ । ଆଉ ଯାହାସବୁ ଆମଠାରେ ଅଛି, ସେସବୁ ଆମେ ତୁମ୍ଭକୁ ପ୍ରଦାନ କରୁଅଛୁ । ଆଉ ହେ ପ୍ରଭୁ, ଯେତେବେଳେ ତୁମେ ଆମକୁ ଅନାଇଥାଅ, ଯଦି ଏପରି କିଛି ଅନାଚ୍ଛାଦିତ ଓ ଅସ୍ୱୀକୃତ ପାପ ରହିଥାଏ, ତେବେ ହେ ପ୍ରଭୁ ପରମେଶ୍ୱର, ଆମେ ତୁମକୁ ବିନତୀ କରୁ ଯେ, ତୁମେ ତୁମର ପୁତ୍ର, ଯୀଶୁଙ୍କର ରକ୍ତକୁ ସେପରି ଏକ ସ୍ଥାନରେ ଲଗାଇଦେବ । ଯେହେତୁ, ଆମେ ଏହା ଅନୁଭବ କରୁ ଯେ ଆମେମାନେ ନିଜ ମଧ୍ୟରେ ଅଯୋଗ୍ୟ ଅଟୁ, ଓ ଏହା ଅସମ୍ଭବ ଅଟେ ଯେ ଆମେମାନେ କଦାପି କେବେହେଲେ ସ୍ୱ-ନିର୍ଭରଶୀଳ ହୋଇପାରୁ । ମାତ୍ର ଆମେମାନେ ସମ୍ପୂର୍ଣ୍ଣଭାବେ ତାହାଙ୍କର ବହୁମୂଲ୍ୟ ରକ୍ତ, ଓ ତାହାଙ୍କର ଅନୁଗ୍ରହକୁ ଆମମାନଙ୍କର ଜୀବନ ପ୍ରତି ପ୍ରଯୁଜ୍ୟ କରାଯିବାରେ ନିର୍ଭର କରୁ, ଯେପରିକି ଅଯୋଗ୍ୟ ପାପୀ ଯେ ଆମେମାନେ, ଆମମାନଙ୍କର ସମ୍ମୁଖରେ ପ୍ରଭୁ ଯୀଶୁଙ୍କର ଏହି ରକ୍ତକୁ ନେଇ ସାହସର ସହିତ କୌଣସି ଏକଦିନେ ତୁମ୍ଭର ଉପସ୍ଥିତିକୁ ଆସିପାରୁ । ଯାହାକୁ, ତୁମେ ବିଗତ ଦିନମାନଙ୍କରେ, ତୁମର ଏକମାତ୍ର ଅଦ୍ୱିତୀୟ ପ୍ରିୟ ପୁତ୍ରର ରକ୍ତ ଭାବରେ ଚିହ୍ନିଅଛ, ଓ ଏହା ପ୍ରତିଜ୍ଞା କରିଅଛ, ଯେ, "ତାହାଙ୍କର ଦେଇ, ଯଦି ଆମେମାନେ ନିଜ ନିଜର ପାପଗୁଡ଼ିକୁ ଅଙ୍ଗୀକାର କରୁ, ତାହାହେଲେ ଆମେମାନେ ତାହାଙ୍କର ଅନୁଗ୍ରହ ଦ୍ୱାରା ଧାର୍ମିକ ଗଣାଯିବୁ ।"

28 ଆଉ ହେ ପ୍ରଭୁ, ବର୍ତ୍ତମାନ ଆମେ ଏହା ମାଗୁଅଛୁ ଯେ, ତୁମେ ଆମର କୌଣସି ବି ଭୁଲ, କୌଣସି ବି ପାପ ଯାହାକି ଅବୈଧତା ଯୋଗୁଁ କିଅବା ଅବହେଳା ଯୋଗୁଁ, ବା ଅବମାନନା ଯୋଗୁ ହୋଇଥାଏ, କ୍ଷମା କରିଦେବ, ପୁଣି ଯଦି ଶୟତାନର ଅଗ୍ନିମୟ ବର୍ଚ୍ଛା ଦ୍ୱାରା କୌଣସି ମନ୍ଦ ବିଚାର ଆମର ପ୍ରାଣକୁ ବିଦ୍ଧ କରିଥାଏ, ତେବେ ତୁମର, ଓ ତୁମର ଲୋକମାନଙ୍କର ଏହି ଶତ୍ରୁ ଶୟତାନକୁ ତୁମେ ତଡ଼ି ବାହାର କରିଦେବ ।

29 ଆଉ ଆମେ ଏହା ପ୍ରାର୍ଥନା କରୁଅଛୁ ଯେ ଏହି ସମୟରେ ତୁମେ ତୁମର ପବିତ୍ରଆତ୍ମାଙ୍କୁ ବାକ୍ୟକୁ ହସ୍ତଗତ କରିବା ନିମନ୍ତେ ପ୍ରେରଣ କରିବ, ଯେତେବେଳେକି ଆମେମାନେ ନିଜ ନିଜକୁ ଯନ୍ତ୍ରପାତି ସ୍ୱରୂପ ସମର୍ପଣ କରୁ, ଯେପରିକି ତୁମେ ତୁମର ବାକ୍ୟକୁ, ଆମ ଦେଇ କଥା କହିବ, ଓ ଆମ ଦେଇ ଶୁଣିବ । ଆଉ ତା'ର ପ୍ରତିବଦଳରେ ଏହିପରି ହେଉ ଯେପରିକି ଆମେ ତାହା ତୁମ୍ଭଠାରୁ ପାଇଅଛୁ ବୋଲି ମନେ କରୁ, ଓ ଆଜି, ଏହି ସ୍ଥାନକୁ ଏପରି ଅନୁଭୂତି ନେଇ ଛାଡୁ ଯେ, ଆମେମାନେ ଖ୍ରୀଷ୍ଟଙ୍କର ଉଦ୍ଦେଶ୍ୟ ନିମନ୍ତେ ପୁନଃ-ବ୍ୟବସ୍ଥିତ କରାଯାଇଅଛୁ; ଓ ପବିତ୍ରଆତ୍ମାଙ୍କ ପରିଦର୍ଶନ ହେତୁରୁ, ଆମେମାନେ ଆଜିରାତ୍ରି ଓ ଆସନ୍ତାକାଲିର ସେବା ପାଇଁ ଅଧିକ ଯୋଗ୍ୟଭାବେ ପ୍ରସ୍ତୁତ ହୋଇପାରୁ ।

30 ସବୁସ୍ଥାନରେ ରହିଥିବା ଆମର ଭାଇ ଭଉଣୀମାନଙ୍କୁ, ବିଶ୍ୱର ସମସ୍ତ ମଣ୍ଡଳୀମାନଙ୍କରେ ଥିବା ଭାଇ ଭଉଣୀମାନଙ୍କୁ ଆଶୀର୍ବାଦ କର, ଯେଉଁମାନେକି ଏହି ମନ୍ଦ ଦିନରେ ଜୀବନର

ବାକ୍ୟକୁ ଧରି ରହିଛନ୍ତି । ଆମେ ଏହା ଅନୁଭବ କରୁ ଯେ କାର୍ଯ୍ୟ କରିବା ହେତୁ ଆଉ ଅଧିକ ସମୟ ଶେଷ ନାହିଁ, ଯେହେତୁ ରାତ୍ର ଅତି ଚଞ୍ଚଳ ମାଡ଼ି ଆସୁଅଛି । ଯୁଦ୍ଧର ମେଘସବୁ ଘନେଇ ଆସୁଅଛି । ମନ୍ଦ ସମୟ ଉପସ୍ଥିତ ଅଟେ, ଆଉ ଆମେ ଏହା ପ୍ରାର୍ଥନା କରୁ ଯେ ତୁମେ ଆମକୁ ଏପରି ଭାବରେ କାମ କରିବାକୁ ଦେବ ଯେପରିକି ଆମେ ତାହା କେବେ ଆଗରୁ କରିନାହୁଁ । ହେ ପ୍ରଭୁ, ଆମର କ୍ଳାନ୍ତ ଦେହଗୁଡ଼ିକୁ ବିଶ୍ରାମ ଦିଅ, ଓ ପୁନର୍ବାର ଆମକୁ ଯୁଦ୍ଧକ୍ଷେତ୍ରକୁ ପ୍ରେରଣ କର । ଯେତେବେଳେକି ଆମେ ଏହାକୁ ପ୍ରଭୁ ଯୀଶୁଙ୍କର ନାମରେ ମାଗୁଅଛୁ, ଓ ତାହାଙ୍କର ନିମନ୍ତେ ଆମେ ପ୍ରାର୍ଥନା କରୁଅଛୁ । ଆମେନ୍ ।

31 ଆଜି ସକାଳରେ, ଯେତେବେଳେକି ଆମେ, ବାଇବଲ ମେଲା କରୁ, ଏହାର ଏବ୍ରୀ ପୁସ୍ତକ ତା'ର—ତା'ର 11ଶ ପର୍ବ ।

32 ବୁଧବାର ରାତ୍ର, ଆମେମାନେ ଏବ୍ରୀ ପୁସ୍ତକର 7ମ ପର୍ବ ଉପରେ କହୁଥିଲୁ, ଯାହାର ବିଷୟ ଥିଲା "ମଲ୍‌କୀଷେଦକ, ଯାହାଙ୍କର ପିତା, କି ମାତା, କି ବଂଶାବଳୀ, କିଅବା ଆୟୁର ଆରମ୍ଭ ଓ ଜୀବନର ଅନ୍ତ କିଛି ହିଁ ଜଣା ନାହିଁ ।"

33 ଆଉ ମୁଁ ଭାବିଲି ଯେ, ହୋଇପାରେ, ଏହି ସକାଳରେ, ଏହି ଅଦ୍ଭୂତ ପୁସ୍ତକଟିକୁ ପୁନର୍ବାର ଖୋଲିବା ଉପଯୁକ୍ତ ହେବ, ଯେତେବେଳେକି ଆମପାଖରେ ବିଗତ ଦିନର ଶିକ୍ଷାରେ ତାହାର ପୃଷ୍ଠ ବିଷୟମାନ ରହିଅଛି, ଯାହା ବିଷୟରେକି ଆମେମାନେ କହିବାକୁ ଇଚ୍ଛା କରୁ । ଆଉ 10ମ ପର୍ବ ଓ ୨ମ ପର୍ବକୁ ଡେଇଁଯାଇ, ଯାହାକି ବଳିଦାନର ନିୟମ ସମ୍ବନ୍ଧିତ ଅଟେ, ଆମେମାନେ "ବିଶ୍ୱାସ" ର ଏକ ସ୍ଥାନକୁ ଆସୁ । ଆଉ ଏଠାରେ ଏବ୍ରୀ ପୁସ୍ତକରେ, ତା'ର 11ଶ ପର୍ବ, ଓ 23ଶ ପଦରୁ ଆରମ୍ଭ କରି, ଆମେ ତାହାକୁ ଏହିପରି ଭାବରେ ପାଠ କରୁ:

> *ବିଶ୍ୱାସ ଦ୍ୱାରା ମୋଶାଙ୍କ ପିତାମାତା ତାଙ୍କ ଜନ୍ମ ହେବା ସମୟରେ ତାଙ୍କୁ ଗୋଟିଏ ସୁନ୍ଦର ପିଲା ବୋଲି ଦେଖି; ରାଜାଜ୍ଞାକୁ ଭୟ ନ କରି ତିନି ମାସ ପର୍ଯ୍ୟନ୍ତ ତାଙ୍କୁ ଗୋପନରେ ରଖିଲେ ।*
>
> *ବିଶ୍ୱାସ ଦ୍ୱାରା ମୋଶାଙ୍କ ବୟସ ପ୍ରାପ୍ତ ହେଲା ଉତ୍ତାରେ ଫାରୋଙ୍କର କନ୍ୟାଙ୍କ ପୁତ୍ର ବୋଲି ଖ୍ୟାତ ହେବାକୁ ନାସ୍ତି କଲେ ।*
>
> *ପାପର କ୍ଷଣିକ ସୁଖଭୋଗ ଅପେକ୍ଷା ପରମେଶ୍ୱରଙ୍କ ଲୋକମାନଙ୍କ ସହିତ ବରଂ ଦୁଃଖଭୋଗ କରିବାକୁ ସେ ପସନ୍ଦ କଲେ,*
>
> *ପୁଣି, ମିସରର ସମସ୍ତ ଧନ ଅପେକ୍ଷା ଖ୍ରୀଷ୍ଟଙ୍କ ନିନ୍ଦାର ସହଭାଗୀ ହେବା ଶ୍ରେଷ୍ଠତର ଧନ ବୋଲି ମନେ କଲେ:...ସେ ପୁରସ୍କାର ଦାନର ସମୟ ପ୍ରତି ଦୃଷ୍ଟିପାତ କଲେ ।*
>
> *ବିଶ୍ୱାସ ଦ୍ୱାରା ସେ ରାଜାଙ୍କ କ୍ରୋଧକୁ ଭୟ ନ କରି ମିସର ପରିତ୍ୟାଗ କଲେ, ଯେଣୁ ସେ ଅଦୃଶ୍ୟ, ତାହାଙ୍କୁ ଦର୍ଶନ କଲା ପରି ସୁସ୍ଥିର ରହିଲେ ।*

34 ଏହି ସକାଳରେ, ମୁଁ ଏହି ବିଷୟ ନେବା ପାଇଁ ଚାହେଁ, "ବିଶ୍ୱାସ ଦ୍ୱାରା ମନୋନୟନ କରିବା।" ଆଉ ମୁଁ ମୂଳପାଠ ନିମନ୍ତେ, 23ଶ ପଦର ପ୍ରଥମ ତିନୋଟି ଶବ୍ଦ, *ବିଶ୍ୱାସ ଦ୍ୱାରା ମୋଶା* ନେବାକୁ ଚାହେଁ। ଆଉ, "ବିଶ୍ୱାସ ଦ୍ୱାରା ମନୋନୟନ କରିବା," ସମ୍ବନ୍ଧରେ ପ୍ରତ୍ୟେକ ସମସ୍ତକିଛି ବିଷୟ ଯାହା ଆମେ କରିଥାଉ, ଆମକୁ ତାହା ବିଶ୍ୱାସ ଦ୍ୱାରା ବାଛିବାକୁ ପଡ଼ିଥାଏ। ଆଉ ମୋଶା ଯାହାକିଛି କଲେ ସେସମସ୍ତ ବିଷୟରେ ଆମେମାନେ ଏହା ପାଉ, ଯାହାକି ପୁନରାବୃତ୍ତି କରିବା ଯୁକ୍ତିଯୁକ୍ତ ଅଟେ, ଯେ ତାହା ବିଶ୍ୱାସ ଦ୍ୱାରା ଥିଲା; ତାହା ଦୃଷ୍ଟିଶକ୍ତି ଦ୍ୱାରା ନ ଥିଲା, ବରଂ ବିଶ୍ୱାସ ଦ୍ୱାରା ଥିଲା।

35 ଆଉ ସେହି କାରଣ ଯେଉଁଥିପାଇଁକି ମୁଁ ଏହାକୁ ଆଜି ଆଜି ସକାଳରେ, ଏହି ଅବସ୍ଥାରେ ରହିଥିବା ମଣ୍ଡଳୀ ପାଇଁ ବାଛିଅଛି, ତାହା ହେଲା ଯେ ଆମମାନଙ୍କର...ଏପରିକି ଆମମାନଙ୍କର ବିଦ୍ୟାଳୟଗୁଡ଼ିକରେ ଓ ଚାରିଆଡ଼େ, ଆମ ପାଖରେ ଏତେ ଅତ୍ୟଧିକ ମାତ୍ରାରେ ବୈଜ୍ଞାନିକ ଶିକ୍ଷା ରହିଅଛି। ଏହି କାରଣ ଯୋଗୁଁ ହିଁ, ଆମେମାନେ ଲୋକମାନଙ୍କୁ ବିଶ୍ୱାସଠାରୁ ଦୂରକୁ ନେଇଯାଇଅଛୁ। ତେବେ, ବିଶ୍ୱାସକୁ ବିଜ୍ଞାନ ଦ୍ୱାରା ପ୍ରମାଣ କରାଯାଏ ନାହିଁ। ବିଶ୍ୱାସ ତ ତାହା ଅଟେ ଯାହା ବିଜ୍ଞାନ ଦେଖେ ନାହିଁ। ଆଉ ଆମେମାନେ...ଯଦି ଆମେ କେବେ ଏହି ମହାନ ବିଶ୍ୱାସକୁ ହରାଇଦେଉ, ତେବେ ଆମେମାନେ ସମ୍ପୂର୍ଣ୍ଣ ଅନ୍ଧକାରରେ ଅଛୁ, ତାହା...ଏଥିରେ କିଛି ଯାଏ ଆସେ ନାହିଁ ଯେ ଆମେମାନେ କେତେ ଶିକ୍ଷିତ ଅଛୁ, ଆମେମାନେ କିପରି ଭାବରେ ପରମେଶ୍ୱରଙ୍କର ବାକ୍ୟକୁ ବୁଝାଇପାରୁ, ଯାହାକି ଆମମାନଙ୍କର ନିଜର ବିଶ୍ୱାସକୁ ସୁହାଇଥାଏ।

36 ପରମେଶ୍ୱରଙ୍କୁ ପ୍ରସନ୍ନ କରିବାକୁ ହେଲେ, ବିଶ୍ୱାସ ଛଡ଼ା ଅନ୍ୟ କୌଣସି ଉପାୟ ହିଁ ନାହିଁ। ପବିତ୍ରଶାସ୍ତ୍ର ଏହାକୁ ସରଳଭାବେ ସେହିପରି ବ୍ୟକ୍ତ କରେ, ଆଉ ତାହା ବିଶ୍ୱାସ ଦ୍ୱାରା ଅଟେ। ପବିତ୍ରଶାସ୍ତ୍ର କହେ, "ଆଉ ବିଶ୍ୱାସ ବିନା ପରମେଶ୍ୱରଙ୍କୁ ପ୍ରସନ୍ନ କରିବା ଅସମ୍ଭବ ଅଟେ।"

37 ଏଣୁ, ଯଦି ବିଶ୍ୱାସ ବିଜ୍ଞାନ ସହିତ ଅସହମତ ହୁଏ, ଏବଂ ବିଜ୍ଞାନ ବିଶ୍ୱାସ ସହିତ ଅସହମତ ହୁଏ, ତାହା ସେମାନଙ୍କୁ ପରସ୍ପର ଜଣକାକୁ ଅନ୍ୟ ଆରେକ ବିରୁଦ୍ଧରେ—ବିରୁଦ୍ଧରେ ଆଣି ଛିଡ଼ାକରେ, ସେତେବେଳେ ଆମେମାନଙ୍କୁ ଠିକ୍ ସେହିପରି ଏକ ମନୋନୟନ କରିବା ଉଚିତ୍ ଅଟେ ଯେପରିକି ମୋଶା କରିଥିଲେ। ବିଶ୍ୱାସ ଦ୍ୱାରା ଆମେମାନେ ପ୍ରତ୍ୟୟ କରୁ!

38 ତେବେ, ଯଦି ଆମେମାନେ ବିଶ୍ୱାସକୁ ହରାଇଦେଉ, ତାହାହେଲେ ଆମେମାନେ କେବେହେଲେ ପରମେଶ୍ୱରଙ୍କ ଦ୍ୱାରା ଆମର ପ୍ରାର୍ଥନାଟି ଉତ୍ତର ଦିଆଯିବାର ପାଇବା ନାହିଁ। "କାରଣ ପରମେଶ୍ୱର ଯେ ଅଛନ୍ତି, ଆଉ ସେ ଯେ ତାହାଙ୍କ ଅନ୍ୱେଷଣକାରୀମାନଙ୍କର ପୁରସ୍କାରଦାତା, ଏହା ତାହାଙ୍କ ଛାମୁକୁ ଆସୁଥିବା ଲୋକର ବିଶ୍ୱାସ କରିବା ଆବଶ୍ୟକ।" ଏଣୁକରି, ଯଦି ଆମେମାନେ ବିଶ୍ୱାସକୁ ହରାଇଦେଉ, ତାହାହେଲେ ଆମମାନଙ୍କର ପ୍ରାର୍ଥନାସବୁ ବ୍ୟର୍ଥ ହୋଇଯାଏ; ଆମେମାନେ କୌଣସିଠାକୁ ପହଞ୍ଚି ନ ଥାଉ।

39 ଏଣୁ ଆଜି ସକାଳରେ, ସେସମସ୍ତ ବିଷୟସବୁ ଯାହାକି ଆମେମାନେ ଚିନ୍ତା କରିପାରୁ, ତାହା ହେଲା ବିଶ୍ୱାସକୁ ଧରି ରହିବା । ତା'ପରେ, ଯଦି ଆମେମାନେ ବିଶ୍ୱାସକୁ ହରାଇଦେଉ, ଆମର ସମସ୍ତ ଆଶାଗୁଡ଼ିକ ଲୁପ୍ତ ହୋଇଯାଏ । ଆଉ ଯଦି ଆମେମାନେ ବିଶ୍ୱାସକୁ ହରାଇଦେଉ, ତେବେ ଆମମାନଙ୍କର ସମସ୍ତ ଆତ୍ମିକ ବାସ୍ତବିକତା ଚାଲିଯାଏ । କାରଣ, ଆପଣ ଦୃଶ୍ୟମାନ ବିଷୟଗୁଡ଼ିକ ଉପରେ ବିଶ୍ୱାସ କରିପାରନ୍ତି ନାହିଁ, ଯେହେତୁ ଯେଉଁ ବିଷୟମାନ ଆପଣ ଦେଖନ୍ତି ତାହା ସବୁ ନାଶମାନ ଅଟେ ।

40 ଯଦି ଆମେମାନେ କୌଣସି ଏକ ମହାନ ବ୍ୟକ୍ତିଙ୍କୁ, ଜଣେ ମହାନ ସେବକଙ୍କୁ, କିଅବା ଏକ ବୃହତ ମଣ୍ଡଳୀକୁ ଦେଖୁ, ତାହାହେଲେ ଦିନେ ନା ଦିନେ, ତାହାସବୁ ବିନଷ୍ଟ ହୋଇଯିବ । ଆଉ ଯଦି ଆମେ ଗୋଟିଏ ମହାନ ରାଷ୍ଟ୍ରକୁ ଦେଖୁ, କିଅବା ଗୋଟିଏ ମହାନ ଅସ୍ତ୍ରକୁ ଦେଖୁ, ତାହାହେଲେ କୌଣସି ଏକ ଦିନ, ତାହାସବୁ ନଷ୍ଟ ହୋଇଯିବ । ଆଉ ତେଣୁକରି ଆମମାନଙ୍କୁ ସେହିସବୁ ବିଷୟରେ ଯାହା ସମ୍ବନ୍ଧରେକି ବିଜ୍ଞାନ କିଛି ଘୋଷଣା କରେ ନାହିଁ, ବିଶ୍ୱାସ ଦ୍ୱାରା ଜୀବିତ ରହିବା ଉଚିତ୍ ଅଟେ । ଏହା ବିଶ୍ୱାସ ଦ୍ୱାରା ହିଁ ଅଟେ ଯେ ଆମେମାନେ ପ୍ରତ୍ୟୟ କରୁ ।

41 ତେବେ, ଯଦି ଆମେମାନେ ବିଶ୍ୱାସକୁ ହରାଉ ତାହାହେଲେ ଆମେ ଆମର ମହିମାକୁ ହରାଇଥାଉ । ତେବେ, ଯଦି ଆମେମାନେ ବିଶ୍ୱାସଠାରୁ ଦୂରକୁ ଚାଲିଯାଉ, ତାହାହେଲେ ଆମେ ମଣ୍ଡଳୀକୁ ଏକ ବୌଦ୍ଧିକ ପରିସର ମଧ୍ୟକୁ ନେଇଯାଉ ।

42 ଆଉ ଅନେକ ଥର, ଲୋକମାନଙ୍କ ମଧ୍ୟରେ, ଏପରି ଚିନ୍ତା କରାଯାଏ ଯେ, ଯେହେତୁ ଗୋଟିଏ ମଣ୍ଡଳୀ ବଡ଼ ଅଟେ, ଆଉ ସେମାନଙ୍କର ବହୁତ ବଡ଼ ବଡ଼ ଗୀର୍ଜାଘରମାନ ରହିଥାଏ, ବଡ଼ ବଡ଼ ଉଚ୍ଚ ଚୁଡ଼ାମାନ ରହିଥାଏ, ଓ ଭଲ-ଭଲ ପୋଷାକ ପିନ୍ଧିଥିବା ପୁଣି ସୁନ୍ଦର ଦିଶୁଥିବା ଲୋକମାନଙ୍କର ଏକ ବଡ଼ ସମୂହ ରହିଥାଏ, ଓ ବହୁତ ଅଧିକ ଧନର ଆର୍ଥିକ ବିଷୟମାନ ରହିଥାଏ, ଯେ ସେମାନେ ସେହିପରି ବିଷୟସବୁ କରିପାରିବାରେ ସକ୍ଷମ ଅଟନ୍ତି, ଆମେମାନେ, ଅନେକ ଥର, ଏହା ଭାବିଥାଉ ଯେ ତାହା ସବୁ ପ୍ରେରଣାଯୁକ୍ତ ଅଟେ, ଆଉ ଏହି ଉକ୍ତ ବିଶେଷ ମଣ୍ଡଳୀଟି ନିଶ୍ଚିତ ଭାବରେ ପ୍ରେରଣାରେ ହୋଇଥିବ । ଅଥବା, ଆମେମାନେ ବହୁତ ଥର ଏପରି ବିଭିନ୍ନ ସେବକମାନଙ୍କୁ ଉଲ୍ଲେଖ କରିଥାଉ ଯେଉଁମାନେକି ବାହାରେ ପ୍ରଚାର କ୍ଷେତ୍ରକୁ ଯାଆନ୍ତି ଆଉ ସେମାନଙ୍କର ସଭାରେ ଲୋକମାନଙ୍କର ବହୁତ ଭୀଡ଼ ଲାଗି ରହିଥାଏ, ଆଉ ବେଳେ ବେଳେ, ଆମେମାନେ ଭାବିଥାଉ ଯେ, ସେମାନେ ପ୍ରେରଣାର ଚିହ୍ନମାନ ଅଟନ୍ତି । ମାତ୍ର ତାହା ସମ୍ପୂର୍ଣ୍ଣ ଭାବରେ ସତ୍ୟ ନୁହେଁ । ତାହା ତ ମାନବୀୟ ପ୍ରେରଣା ଅଟେ ।

43 ମାତ୍ର ବାସ୍ତବିକ ପ୍ରେରଣା ତ ପରମେଶ୍ୱରଙ୍କ ଇଚ୍ଛା ସାଧନ କରିବା ଦ୍ୱାରା ଆସିଥାଏ । ବୁଝିଲେ? ତାହା ଜଣେ ହେଉନ୍ତୁ, କିଅବା ମାତ୍ର ହାତଗଣତି ଲୋକମାନେ ହୁଅନ୍ତୁ । ତାହା ଗୋଟିଏ ବଡ଼ ମଣ୍ଡଳୀ ହେଉ, କିଅବା ଏକ ସାନ ମଣ୍ଡଳୀ ହେଉ, ସେଥିରେ କିଛି ଯାଏ ଆସେ ନାହିଁ । ସେ ଜଣେ ମହାନ, ଖୁବ୍ ଭଲ ବକ୍ତା ହୁଅନ୍ତୁ, କିଅବା ଏପରି ଜଣେ ପୁରୁଷ ହୁଅନ୍ତୁ

ଯିଏକି ବଡ଼ କଷ୍ଟରେ ନିଜର କ ଖ ଗ ପ୍ରଭୃତି ଜାଣିଥାନ୍ତି, ସେଥିରେ କିଛି ଯାଏ ଆସେ ନାହିଁ। ଏହା ତ ସେହି ବାର୍ତ୍ତା ଉପରେ ନିର୍ଭର କରେ ଯାହାକି ସେ ନେଇକରି ଆସନ୍ତି ଯେ, ତାହା ପରମେଶ୍ୱରଙ୍କର ବାକ୍ୟ ଦ୍ୱାରା ପ୍ରେରିତ ଅଟେ କି ନୁହେଁ, କିଅବା, ତାହା ମାନବୀୟ ପ୍ରେରଣାର ବୌଦ୍ଧିକ କଳ୍ପନା ଦ୍ୱାରା ପ୍ରେରିତ ଅଟେ?

44 ଜଣେ ଖୁବ୍ ଭଲ ସୁବକ୍ତା ହୋଇଥିବା ହେତୁରୁ କେତେକ ଲୋକେ ଅନୁପ୍ରାଣିତ ହୋଇଥାଇପାରନ୍ତି। ତାହା ଏହାକୁ ସଠିକ୍ କରି ଗଢ଼େ ନାହିଁ। ବେଳେ ବେଳେ ସେମାନେ ଏଇଥିପାଇଁ ଅନୁପ୍ରାଣିତ ହୋଇଥାଆନ୍ତି ଯେହେତୁ ସେହି ବ୍ୟକ୍ତିଜଣକ ଏତେ ଅଧିକ ପ୍ରଶିକ୍ଷିତ ହୋଇଥାଆନ୍ତି ଯେ ସେ ନିଜର କଥାକୁ ଭଲ ଭାବରେ ଉପସ୍ଥାପିତ କରିପାରନ୍ତି। ତାହାର ଅର୍ଥ ଏହା ନୁହେଁ ଯେ ତାହା ପରମେଶ୍ୱରଙ୍କ ଆଡୁ ଅଟେ। ବୁଝିଲେ?

45 ଏହା ତ କେବଳ ପରମେଶ୍ୱରଙ୍କ ସଦାକାଳ ନିମନ୍ତେ, ଅନନ୍ତ ଆଶୀଷିତ ବାକ୍ୟ ଦ୍ୱାରା ହିଁ ଅଟେ ଯେ, ଆମେମାନେ ପ୍ରେରଣାକୁ ପାଇପାରୁ, ଆଉ ତାହା ପବିତ୍ରଆତ୍ମାଙ୍କ ଦ୍ୱାରା ପ୍ରଦାନ କରାଯାଇଥାଏ। ବିଶ୍ୱାସ ଦ୍ୱାରା ଆମେ ଏହାକୁ ଗ୍ରହଣ କରିଥାଉ।

46 ବର୍ତ୍ତମାନ ଆମେମାନେ ମୋଶା, ଓ ତାହାଙ୍କର ଜୀବନର ଏହି ମହାନ ସମୟ ବିଷୟରେ ଚିନ୍ତା କରିବା। ଆଉ ଆମେମାନେ, ତାହାଙ୍କର ଜନ୍ମ ବୃତ୍ତାନ୍ତରୁ ପାଠ କରୁ ଯେ, ପରମେଶ୍ୱର କିପରି ଭାବରେ ତାହାର ତତ୍ତ୍ୱ ନେଇଥିଲେ, ମାତ୍ର ମୋଶାଙ୍କ ଜୀବନରେ ଏପରି ଏକ ସମୟ ଆସିଲା ଯେଉଁଠାରେକି ଏକ ମନୋନୟନର ସମୟ ରହିବାକୁ ଥିଲା। ଯଦି ଆମେମାନେ ସଠିକ୍‌ଭାବେ ପାଠ କରୁ, ତାହାହେଲେ ଆମେମାନେ ପାଉ ଯେ ସେ ଫାରୋଙ୍କର କନ୍ୟାର ପୁତ୍ର ଥିଲେ, ଓ ସିଂହାସନର ଉତ୍ତରାଧିକାରୀ ଥିଲେ, ଓ ମିସରରେ ପରବର୍ତ୍ତୀ ଫାରୋ ହୋଇଥାଆନ୍ତେ। ଏଣୁ ସେ ବୟସପ୍ରାପ୍ତ ଓ ଦାୟିତ୍ୱବାନ ହୋଇସାରିବା ପରେ, ଯେତେବେଳେ ସେ ସର୍ବତ୍ର ତାଙ୍କର ଚାରିଆଡ଼େ ଦୃଷ୍ଟିପାତ କରନ୍ତେ ସେ ଲକ୍ଷ୍ୟ କଲେ, ଆଉ ସେଠାରେ ମାଟି କାଦୁଅ ଗାଡ଼ା ଭିତରେ କାମ କରୁଥିବାର ସେହି ଦାସମାନେ ରହିଥିଲେ। ଆଉ ମୋଶା, ଯେତେବେଳେ ସେ ରାଜପ୍ରାସାଦର ଝରକାମାନ ଦେଇ ସେହି ସମାନ ଦାସମାନଙ୍କୁ ଦେଖିଲେ, ଯେଉଁମାନଙ୍କୁ କି ଫାରୋ ମଧ୍ୟ ଦେଖୁଥିଲେ, ମାତ୍ର ସେଠାରେ ଦୁହିଁଙ୍କର ଦେଖିବାରେ କି ଏକ ପାର୍ଥକ୍ୟ ରହିଥିଲା।

47 ଆଜି ସକାଳରେ, ମୁଁ ସେହି ବିଚାରକୁ, ଅଳ୍ପ କେତେକ ମିନିଟ୍ ପାଇଁ ଭିତ୍ତିମୂଳକ ଧ୍ୟାନ ନିମନ୍ତେ ନେବାକୁ ଚାହିଁବି, ଆଉ ଏହିପରି ହେଉ ଯେ ସ୍ୱର୍ଗର ପରମେଶ୍ୱର ଏଠାରେ ପ୍ରତ୍ୟେକଙ୍କ ହୃଦୟ ଭିତରେ ତାହାକୁ ଘର କରିଦିଅନ୍ତୁ। ଏହା ତ ଆପଣ କିପରି ଭାବରେ କୌଣସି ବିଷୟ ପ୍ରତି ଦୃଷ୍ଟିପାତ କରିଥାଆନ୍ତି, ଏହାହିଁ ସେହି ପାର୍ଥକ୍ୟକୁ ଆଣିଥାଏ।

48 ଜନ୍ ସ୍ମ୍ରଲ୍ ନାମରେ, ସେହି ମହାନ ପ୍ରଚାରକ ଜଣ, ଯିଏକି ଭାଇ ବୋସ୍‌ୱୋର୍ଥଙ୍କ ସେବାକାର୍ଯ୍ୟ ଦ୍ୱାରା ମନଃପରିବର୍ତ୍ତନ କରିଥିଲେ, ଯାହାଙ୍କୁ ଆପଣମାନଙ୍କ ମଧ୍ୟରୁ ଅନେକଙ୍କୁ ସ୍ମରଣ ଥିବ ଯେ ଅନେକ ବର୍ଷ ପୂର୍ବେ, ସେ ଓଲ୍‌ଡ ଗ୍ଲୋରୀ ବାର୍ନ ମଣ୍ଡଳୀର ଥିଲେ। ସେ

କହୁଥିଲେ, ଥରେ ତାହାଙ୍କର ପ୍ରିୟତମା ସଙ୍ଗୀ ଏବଂ ସ୍ତ୍ରୀଙ୍କର ମୃତ୍ୟୁର ପୂର୍ବରୁ, ସେ ଗୋଟିଏ ଯାତ୍ରା କରୁଥିଲେ। ସେମାନେ ଫ୍ରାନ୍ସ ଦେଶର, ଲୋରେନ୍ ପ୍ରଦେଶର, ଲା ସାଲ୍ ନାମକ ସ୍ଥାନରେ ଥିଲେ। ଆଉ ମୁଁ ସେହି ସମାନ ସ୍ଥାନକୁ ଯାତ୍ରା କରିବାର ସୌଭାଗ୍ୟ ପାଇଥିଲି। ଆଉ ପଥପ୍ରଦର୍ଶକ ସେମାନଙ୍କୁ ବଗିଚାଗୁଡ଼ିକ ମଧ୍ୟ ଦେଇ ନେଇଯାଉଥିଲେ, ଓ ସେମାନଙ୍କୁ ବିଭିନ୍ନ ବିଷୟସବୁ ଦେଖାଉଥିଲେ। ଆଉ ସେମାନେ ଯାଇ ପ୍ରଭୁ ଯୀଶୁଙ୍କର, କ୍ରୁଶାର୍ପଣ ବିଷୟକ ଗୋଟିଏ ନିଶ୍ଚିତ ମୂର୍ତ୍ତି ପାଖକୁ ଆସିଲେ। ଆଉ ଶ୍ରୀମାନ୍ ସ୍ତ୍ରଲ୍ ଦୂରରୁ ଛିଡ଼ା ହୋଇ, ସେ ଓ ତାହାଙ୍କର ସ୍ତ୍ରୀ, ତାହାକୁ ଅନାଇଥିଲେ, ଓ, ସେମାନଙ୍କର ହୃଦୟରେ, ସେହି ଶିଳ୍ପକାରକୁ ସମାଲୋଚନା କରୁଥିଲେ ଯେ ସେହି ଶିଳ୍ପକାର, ବା ମୂର୍ତ୍ତିକାରର ମସ୍ତିଷ୍କରେ କ'ଣ ରହିଥିବ, ଯେତେବେଳେ ସେ ଏହାକୁ ଗୋଟିଏ ପଥରରୁ ଖୋଦି ନିର୍ମାଣ କରୁଥିଲା, ଯେ ପ୍ରଭୁ ଯୀଶୁଙ୍କର ଦୁଃଖଭୋଗ ଓ ପ୍ରେମ ଏବଂ ଦୟାକୁ ସେ ଏତେ ଭୟାନକ ଦିଶୁଥିବା ବିଷୟ ଦ୍ୱାରା ପ୍ରଦର୍ଶିତ କରିଥିଲା, ଆଉ ତାହା ସବୁ କିପରି ଭାବରେ ଯେ କୁଗଠିତ ଓ ଏଆଡ଼େ-ସେଆଡ଼େ କଟାଯାଇଥିବା ପରି ଦିଶୁଥିଲା। ଆଉ ପଥପ୍ରଦର୍ଶକ ଜଣ ଶ୍ରୀମାନ୍ ସ୍ତ୍ରଲ୍ ନିକଟକୁ ଆସିଲେ, ଓ ସେ କହିଲେ, "ମହାଶୟ, ମୁଁ ଅନୁମାନ କରୁଅଛି ଯେ ଆପଣ ପ୍ରଭୁ ଯୀଶୁଙ୍କର ଏହି ମୂର୍ତ୍ତିଟିକୁ ସମାଲୋଚନା କରୁଛନ୍ତି।"

ଆଉ ସେ ଉତ୍ତର ଦେଲେ, "ହଁ, ମୁଁ କରୁଅଛି।"

49 ଏଣୁ ସେ କହିଲେ, "ମୁଁ ଟିକେ ବି ଆଶ୍ଚର୍ଯ୍ୟଚକିତ ନୁହେଁ, କାରଣ ଅଧିକାଂଶ ଲୋକେ ଯେଉଁମାନେକି ଏହାକୁ ଦେଖନ୍ତି, ପ୍ରଥମେ, ସେମାନେ ଏହାକୁ ସମାଲୋଚନା ହିଁ କରିଥାଆନ୍ତି।"

50 ଆଉ ଶ୍ରୀମାନ୍ ସ୍ତ୍ରଲ୍ କହିଲେ, "କାହିଁକି, ମୁଁ ତ ଏପରି ଏକ ବିଷୟକୁ ଅନାଇବା ଦ୍ୱାରା କୌଣସି ଦୟା କିଅବା କୌଣସି ପ୍ରେରଣାକୁ ଦେଖିପାରୁ ନାହିଁ, ଏଣୁ ମୁଁ ଆଶ୍ଚର୍ଯ୍ୟ କରୁଅଛି ଯେ ସେହି ମୂର୍ତ୍ତିକାର ଏହାକୁ ସର୍ବତ୍ର ଏପରି ଭାବରେ କାହିଁକି ନିର୍ମାଣ କଲେ।"

51 "ଆଉ ସେହି ମୂର୍ତ୍ତିକାର..." ପଥପ୍ରଦର୍ଶକ ଜଣ କହିଲେ, "ଶ୍ରୀମାନ୍ ସ୍ତ୍ରଲ, ଏହି ମୂର୍ତ୍ତିଟି ସବୁ ଠିକ୍ ଅଛି, ଆଉ ସେହି ମୂର୍ତ୍ତିକାରର ମସ୍ତିଷ୍କରେ ମଧ୍ୟ ସଠିକ୍ ବିଷୟ ରହିଥିଲା। ମାତ୍ର ସମସ୍ୟାଟି ଯେଉଁଠାରେ ଅଛି, ତାହା ହେଲା ଆପଣଙ୍କ ସହିତରେ। ଏହା ତ ଆପଣଙ୍କର ଦେଖିବାର ଭାବ ଅଟେ ଯେଉଁଭାବେ ଆପଣ ଏହାକୁ ଦେଖନ୍ତି।" ଆଉ ସେ ତାହାଙ୍କୁ ଓ ତାହାଙ୍କର ସ୍ତ୍ରୀଙ୍କ ହାତକୁ ଧରିଲେ, ଓ ସେମାନଙ୍କୁ ଉକ୍ତ କ୍ରୁଶର ପାଦଦେଶରେ ଥିବା ଗୋଟିଏ ବେଦୀ ଆଡ଼କୁ କଢ଼େଇ ନେଲେ। ଆଉ ସେ କହିଲେ, "ତେବେ, ଶ୍ରୀମାନ୍ ସ୍ତ୍ରଲ୍, ବର୍ତ୍ତମାନ ଉପରକୁ ଦେଖନ୍ତୁ।" ଆଉ ଯେତେବେଳେ ସେ ଉପରକୁ ଅନାଇଲେ, ସେ କହିଲେ ଯେ ତାହାଙ୍କର ହୃଦୟ ବିଦୀର୍ଣ୍ଣ ହୋଇଯିବା ପରି ହେଲା। ତାହା କି ଏକ ପାର୍ଥକ୍ୟ ଥିଲା ଯେ, ସେଠାରେ ଛିଡ଼ା ହେବା ଓ ତାହାକୁ *ସେପରି* ଭାବରେ ଦେଖିବା, ପୁଣି ତଳକୁ ଯାଇ ତାହାକୁ

ସେହିପରି ଭାବରେ ଅନାଇବା ଯେପରି ଭାବରେ କି ତାହାକୁ ଦେଖାଯିବା ନିମନ୍ତେ ନିର୍ମାଣ କରାଯାଇଥିଲା ।

52 ଆଉ ଏହିପରି ଭାବରେ ହିଁ ତ ପରମେଶ୍ୱର ଅଟନ୍ତି । ଏହିପରି ଭାବରେ ହିଁ ତ ବିଶ୍ୱାସ ଅଟେ । ଏହା ତ ଆପଣଙ୍କର ଦେଖିବାର ଭାବ ଉପରେ ନିର୍ଭର ଅଟେ । ଯଦି ଆପଣ ଏହାକୁ କୌଣସି ପ୍ରକାର ଏକ ଐତିହାସିକ ବାଇବଲ ରୂପେ ଦେଖନ୍ତି, ଏପରି କିଛି ବିଷୟ ଭାବରେ ଯାହାକି ବିଗତ ଦିନରେ କିଛି ଗୋଟାଏ ଥିଲା, ତାହାହେଲେ ଆପଣ କଦାପି ବାଇବଲର ବାସ୍ତବିକ ବିଷୟ ଲାଭ କରିପାରିବେ ନାହିଁ । ଆପଣଙ୍କୁ ତ ନିଜର ଆଣ୍ଠୁ ଭାଙ୍ଗି ଆସିବାକୁ ଅଛି, ଓ ଏହି ବାଇବଲର ଆଜ୍ଞାଗୁଡ଼ିକୁ ମାନିବାକୁ ଅଛି, ଏବଂ ଏହାକୁ ପବିତ୍ରଆତ୍ମାର ଚକ୍ଷୁ ଦେଇ ଦେଖିବାକୁ ଅଛି ।

53 ମୁଁ ଏହି ସକାଳରେ, ଏହି ଶ୍ରୋତାବର୍ଗଙ୍କୁ ପଚାରିବି । ଏକ ଐତିହାସିକ ପରମେଶ୍ୱର ଦ୍ୱାରା ଆଜି ଆମର କି ଲାଭ ହେବ ଯଦି ସେ ସେହି ସମାନ ପରମେଶ୍ୱର ନୁହଁନ୍ତି? ସେହି ପରମେଶ୍ୱରଙ୍କ ଦ୍ୱାରା କି ଲାଭ ହେବ, ଯିଏକି ମୋଶାଙ୍କୁ ନେଇଥିଲେ ଓ ତାହାଙ୍କ ଦେଇ ସେହି ଆଶ୍ଚର୍ଯ୍ୟକର୍ମମାନ ସାଧନ କରିଥିଲେ, ଯାହାସବୁ ମୋଶା କରିଥିଲେ, ସେହିପରି ଏକ ପରମେଶ୍ୱରଙ୍କ ବିଷୟରେ ପାଠ କରିବା ଆମକୁ କି ଲାଭ ହେବ ଯଦି ଆଜି ସେ ସେହି ସମାନ ପରମେଶ୍ୱର ନୁହଁନ୍ତି? ସେହି ପରମେଶ୍ୱରଙ୍କ କି ଲାଭ ଯିଏକି ଏବ୍ରୀୟ ବାଳକମାନଙ୍କୁ, ଅଗ୍ନିକୁଣ୍ଡରୁ ଉଦ୍ଧାର କରିପାରିଥିଲେ, ଯଦି ସେ ଆଜି ସେହି ସମାନ ପରମେଶ୍ୱର ନୁହଁନ୍ତି? ସେହି ପରମେଶ୍ୱରଙ୍କ କି ଲାଭ ଯିଏକି ବିଗତ ଏକ ଦିନରେ, ଭୁଲ୍ ଓ ଠିକ୍‌ର ବିଚାର କରିଥିଲେ, ଏବଂ ଭୁଲକୁ ଶାସ୍ତି ଓ ଠିକ୍‌କୁ ଆଶୀର୍ବାଦ କରିଥିଲେ, ଯଦି ସେ ଆଜି ସେହି ସମାନ ପରମେଶ୍ୱର ନୁହଁନ୍ତି? ଆମେମାନେ ମଣ୍ଡଳୀକୁ କାହିଁକି ଯାଇଥାଉ? ଆମେମାନେ ତାହାହେଲେ ଜଗତର ସବୁ ବିଷୟଠାରୁ କାହିଁକି କ୍ଷାନ୍ତ ହୋଇଥାଉ, ଯଦି ସେ ସେହି ସମାନ ନ୍ୟାୟ ବିଚାରର, ପୁଣି ସେହି ସମାନ ମତ ପୋଷଣ କରୁଥିବାର ପରମେଶ୍ୱର ନୁହଁନ୍ତି ଯାହାକି ସେ ସର୍ବଦା ରହିଆସିଥିଲେ? ତାହା ସେହି ପରମେଶ୍ୱର ନିମନ୍ତେ କି ଲାଭ ହେବ ଯିଏକି ଅତିଶୟ ଜ୍ୱର ଥିବା ଜଣେ ସ୍ତ୍ରୀଲୋକଙ୍କୁ ସ୍ପର୍ଶ କରିପାରିଥିଲେ, ଓ ସେହି ଜ୍ୱର ବନ୍ଦ ହୋଇଯାଇଥିଲା, ଯଦି ସେ ଆଜି ସେହି ସମାନ ପରମେଶ୍ୱର ନୁହଁନ୍ତି? ଏହା ସେହି ପରମେଶ୍ୱରଙ୍କୁ ସେବା କରିବା କି ଲାଭ ହେବ ଯିଏକି ଚାରି ଦିନ ମୃତ ହୋଇଯାଇଥିବା, ତାହାଙ୍କର ବନ୍ଧୁଙ୍କୁ କବରରୁ ଡାକି ପାରିଥିଲେ, ଯଦି ସେ ଆଜି ସେହି ସମାନ ପରମେଶ୍ୱର ନୁହଁନ୍ତି?

54 ବିଶ୍ୱାସ ଦ୍ୱାରା ଆମେ ଏହା ବିଶ୍ୱାସ କରୁ ଯେ କୌଣସି ଏକ ମହିମାମୟ ଦିନରେ ସେ ଆମମାନଙ୍କୁ ପୃଥିବୀରୁ ଡାକ ପକାଇବେ, ଯଦିଓ ଆମେ ପୁନର୍ବାର ଗୋଟିଏ ଚାମଚଭରା ପାଉଁଶଗୁଣ୍ଡ ହୋଇଯାଇଥିବା । ଆମେ ତାହା କିପରି ପ୍ରମାଣ କରୁ? ଆମେ ତାହା ପ୍ରମାଣ କରୁନାହୁଁ । ଆମେ ତାହା ବିଶ୍ୱାସ କରୁ । ଆମମାନଙ୍କୁ କିଛି ହେଲେ ପ୍ରମାଣ କରିବାକୁ କୁହାଯାଇ ନାହିଁ । ଆମମାନଙ୍କୁ ତ ତାହା ବିଶ୍ୱାସ କରିବାକୁ କୁହାଯାଇଛି ।

55 ବିଶ୍ୱାସ ଦ୍ୱାରା ମୋଶା *ଅମୁକ-ଓ-ଅମୁକ* କରିଥିଲେ। ଆଉ ଯେତେବେଳେ ମୋଶା, ଜଣେ ଯୁବାଲୋକ ଭାବରେ, ରାଜପ୍ରାସାଦରେ ଝରକା ଦେଇ, ସେହି ଦାସମାନଙ୍କୁ ଦେଖିଲେ, ସେ ସେହି ସମାନ ମଇଳା, ଅପରିଷ୍କାର, କାଦୁଅରେ-ଦଳା ଚକଟା ହେଉଥିବା ଦାସମାନଙ୍କୁ ଦେଖିଲେ ଯାହାକି ଫାରୋ ଦେଖିଥିଲେ।

56 ଆଉ ଯେତେବେଳେ ଫାରୋ ସେମାନଙ୍କୁ ଦୃଷ୍ଟିପାତ କଲେ, ଓ ମିସରୀୟମାନେ ଦୃଷ୍ଟିପାତ କଲେ, ସେମାନେ ଆଉ କିଛି ନୁହଁ ବରଂ ଦାସମାନଙ୍କର ଏକ ସମୂହ ଥିଲେ। ସେମାନେ ସବୁ କେବଳ ସେତିକିପାଇଁ ହିଁ ଉତ୍ତମ ଥିଲେ; କେବଳ ମାଟି କାଦୁଅ ଚକଟିବାର ମନୁଷ୍ୟ ଭାବରେ, ଯେଉଁମାନେକି ଫାରୋ ନିର୍ମାଣ କରୁଥିବା ନଗରମାନଙ୍କର ଲାଭ ହେତୁ ମାଟି ଇଟା ନିର୍ମାଣ କରୁଥିଲେ। ଏହି ପ୍ରକାରେ ହିଁ ମିସରୀୟମାନେ ଓ ଫାରୋ ସେହି ଦାସମାନଙ୍କ ପ୍ରତି ଦୃଷ୍ଟିପାତ କରୁଥିଲେ।

57 ମାତ୍ର ମୋଶା, ଯେତେବେଳେ ସେ ସେମାନଙ୍କୁ ଦେଖିଲେ, ଏହା ତ ଏକ ଭିନ୍ନ ଦେଖିବାର ବିଷୟ ଥିଲା ଯାହାକି ମୋଶା ଦେଖିଥିଲେ। ଯେତେବେଳେ ସେ, ଝରକା ଦେଇ ଯାଉଥିବା ସମୟରେ, ସେମାନଙ୍କର ମୁଖ ମଣ୍ଡଳରେ ବଡ଼ ବଡ଼ ଖାଲ ପଡ଼ିଥିବାର ଦେଖିଲେ, ସେମାନଙ୍କର ଗାଲରୁ ଲୁହ ଝରୁଥିବାର ଦେଖିଲେ, ଓ ସେମାନଙ୍କର ଭାଙ୍ଗି ଯାଉଥିବାର ଶରୀରଗୁଡ଼ିକୁ ଦେଖିଲେ, ସେ ସେମାନଙ୍କୁ ପରମେଶ୍ୱରଙ୍କର ଲୋକ ଭାବରେ ଦେଖିଥିଲେ। ସେ ସେମାନଙ୍କୁ ଦାସ ଭାବରେ ଦେଖି ନ ଥିଲେ। ସେ ସେମାନଙ୍କୁ ପରମେଶ୍ୱରଙ୍କର ମନୋନୀତ ଲୋକ ଭାବରେ ଦେଖିଥିଲେ।

58 ଆଉ, ଓଃ, ଯେତେବେଳେ ମୁଁ, ଗୋଟିଏ ଦେଶରୁ ଅନ୍ୟ ଦେଶକୁ, ପୁଣି ଗୋଟିଏ ରାଷ୍ଟ୍ରରୁ ଅନ୍ୟ ରାଷ୍ଟ୍ରକୁ, ପ୍ରଚାର ପାଇଁ ଯାଇଥାଏ! ଯେଉଁ ସମୟରୁ ମୁଁ ଏହି ସାନ ଆରାଧନାଳୟର ଦ୍ୱାରଦେଶକୁ ଛାଡ଼ି ଯାଇଅଛି, ଯାହାକି ଗୋଟିଏ ଆନ୍ତଃନାମଧାରୀ ସଂସ୍ଥାର ଅନୁଷ୍ଠାନଟିଏ ଅଟେ, ଯେଉଁଠାରେକି ପ୍ରେମ ଛଡ଼ା ଅନ୍ୟ କୌଣସି ବ୍ୟବସ୍ଥା ନାହିଁ, ବାଇବଲ ଛଡ଼ା ଅନ୍ୟ କୌଣସି ପୁସ୍ତକ ନାହିଁ, ପୁଣି ଖ୍ରୀଷ୍ଟ ଛଡ଼ା ଅନ୍ୟ କୌଣସି ମତ ନାହିଁ, ମୁଁ ଚେଷ୍ଟା କରିଅଛି ଯେ ପରମେଶ୍ୱରଙ୍କ ଲୋକମାନଙ୍କୁ, ଓ ଅସ୍ୱୀକୃତ ଲୋକମାନଙ୍କୁ, ପରମେଶ୍ୱରଙ୍କର ନିର୍ବାଚିତ ଓ ମନୋନିତ ଲୋକମାନଙ୍କ ରୂପରେ ଦେଖିବା। ମୁଁ ସେମାନଙ୍କୁ ପଚାରେ ନାହିଁ ଯେ ସେମାନେ ବ୍ରାନ୍‌ହାମ୍ ଟେବର୍ନେକଲ୍ ସହିତ ସମ୍ବନ୍ଧିତ ଅଟନ୍ତି କି ନୁହେଁ। ମୁଁ ସେମାନଙ୍କୁ ପଚାରେ ନାହିଁ ଯେ ସେମାନେ ମେଥୋଡିଷ୍ଟ ଅଟନ୍ତି କି, କିଅବା ସେମାନେ ପ୍ରେସବିଟେରିୟେନ୍ ଅଟନ୍ତି କି, ଅବା ସେମାନେ ପେଣ୍ଟିକଷ୍ଟାଲ୍ ଅଟନ୍ତି କି, ଅଥବା ନାଜରିନ, କି ପିଲ୍‌ଗ୍ରିମ୍ ହୋଲିନେସ୍‌ର ଅଟନ୍ତି କି। ମୁଁ କେବଳ ସେମାନଙ୍କୁ ପରମେଶ୍ୱରଙ୍କ ଲୋକ ଭାବରେ ଦେଖିବାକୁ ଚାହିଁଥାଏ। ଆଉ ସେମାନଙ୍କର କ୍ରିୟାକଳାପଗୁଡ଼ିକୁ ଓ ସେମାନଙ୍କର କର୍ମଗୁଡ଼ିକୁ ଦେଖେ, ଯେ ସେମାନେ ସଦାପ୍ରଭୁ ପରମେଶ୍ୱରଙ୍କର ଦାସମାନେ ଅଟନ୍ତି। ଆଉ ମୋ'ର ହୃଦୟ ସେମାନଙ୍କ ସହିତରେ ସହଭାଗୀତା କରିବାକୁ ଇଚ୍ଛା କରେ, ଏଥିରେ ଯାଏ ଆସେ ନାହିଁ ଯେ ସେମାନଙ୍କର କେଉଁ

ଛାପ ବା ନାମ ଅଛି । ମୁଁ କେବଳ ସେମାନଙ୍କ ସହିତରେ ସହଭାଗୀତା କରିବା ନିମନ୍ତେ ଇଚ୍ଛା କରେ । ମୁଁ ସେମାନଙ୍କୁ ପ୍ରେମ କରେ କାରଣ ମୁଁ ଜାଣେ ଯେ ସେମାନେ ପରମେଶ୍ୱରଙ୍କର ଲୋକ ଅଟନ୍ତି ।

59 ଯେତେବେଳେ ମୁଁ ଗୋଟିଏ ସ୍ତ୍ରୀଲୋକକୁ ରାସ୍ତାରେ ଚାଲି ଆସୁଥିବାର ଦେଖେ, ଯିଏକି ଏକ ଲମ୍ବା ସ୍କର୍ଟ ପୋଷାକ ପିନ୍ଧିଥାଏ, ଓ ତା'ର କେଶକୁ ସୁନ୍ଦର ଭାବରେ ବିନ୍ଧି ପଛରେ କରିଥାଏ, ଓ—ଓ ଗୋଟିଏ ଉତ୍ତମ-ଦିଶୁଥିବା ବସ୍ତ୍ରଟିଏ ପିନ୍ଧିଥାଏ; ପୁଣି ମୁଁ ଆଉ ଗୋଟିଏ ଯୁବା ସ୍ତ୍ରୀଲୋକକୁ ଦେଖେ, ହୋଇପାରେ ଯେ ସମାନ ବୟସର ହୋଇଥିବ, ଆଉ ସେ ଏକ ଛୋଟ ଅର୍ଦ୍ଧ ପେଣ୍ଟ ପୋଷାକଟିଏ ପିନ୍ଧିଥିବ; ହୋଇପାରେ ଯେ, ଦେଖିବାରେ, ଏହି ସ୍ତ୍ରୀଲୋକଟି ଲମ୍ବାକେଶ ରଖିଥିବା ସ୍ତ୍ରୀଲୋକ ଅପେକ୍ଷା ଦୁଇଗୁଣ ସୁନ୍ଦର ଦିଶୁଥିବ, ଯାହାକି ଜଗତର ଦେଖିବାର ଅନୁସାରେ ଅଟେ, ମାତ୍ର ମୁଁ ତ ମୋ'ର ପକ୍ଷ ସେହି ଝିଅ ସହିତ ନେବି ଯିଏକି ଗୋଟିଏ ଖ୍ରୀଷ୍ଟିୟାନ ପରି ବସ୍ତ୍ର ପିନ୍ଧିଅଛି । ଯଦ୍ଦପି ସେମାନେ ତାହା ଉପରେ ହସୁଥିବେ, ଓ ତାହାକୁ ଗୋଟିଏ ପାଗଳ ବୋଲି ଡାକୁଥିବେ, ତଥାପି, ମୁଁ ମୋ'ର ପକ୍ଷ ତାହା ସହିତ ନେବି । ହୋଇପାରେ ଯେ ଆକୃତିଗତ ବୈଶିଷ୍ଟ୍ୟତାରେ, ସେ ଅନ୍ୟ ଝିଅ ପରି ସେତେ ସୁନ୍ଦର ନ ଦିଶୁଥାଇ ପାରେ, ମାତ୍ର ସେ କିଛି ଗୋଟାଏ ବିଷୟ ଦେଖିଥାଏ । ବିଶ୍ୱାସ ଦ୍ୱାରା ସେ ତାହାଙ୍କୁ ଦେଖେ ଯିଏକି ଅଦୃଶ୍ୟ ଅଟନ୍ତି, ଯିଏକି ତାହାର ଜୀବନକୁ ମାର୍ଗଦର୍ଶନ କରୁଥାଆନ୍ତି ।

60 ଯେତେବେଳେ ମୁଁ ସେହି ପୁରୁଷଙ୍କୁ ତାଙ୍କର କାର୍ଯ୍ୟସ୍ଥଳରେ ଦେଖେ, ଯାହାଙ୍କୁକି "ଦୀକନ," ଅବା "ପ୍ରଚାରକ," ଅବା "ଜଣେ ଧର୍ମ ପାଗଳ," ବୋଲି କୁହାଯାଏ, ଯେହେତୁ ସେ ଧୂମ୍ରପାନ କରିବାକୁ, ଓ ମଦ୍ୟପାନ କରିବାକୁ, ଓ ଅନ୍ୟମାନେ ପସନ୍ଦ କରୁଥିବା ପରି, ନୃତ୍ୟଗୀତକୁ ଯିବାକୁ ମନା କରି ଦେଇଥାଆନ୍ତି, ଆଉ ତାହାଙ୍କୁ "ଗୋଟିଏ ଧର୍ମ ପାଗଳ," ବୋଲି ଡକାଯାଏ, ମୋ'ର ହୃଦୟ ସେତେବେଳେ ତାହାଙ୍କର ସପକ୍ଷରେ ଯାଇଥାଏ । ସେ ଏହି ମିସର ମାଟିରେ ଥିବା, ମୋ'ର ଭାଇ ଅଟେ, ଯାହାଙ୍କୁ ଆଲିଙ୍ଗନ କରି ଏହା କହିବା ପାଇଁ ଆମର ହୃଦୟକୁ ପ୍ରବର୍ତ୍ତାଏ ଯେ, "ଭାଇ, ଆମେମାନେ ଏହି ଦେଶର, ବିଦେଶୀ ଓ ପ୍ରବାସୀ ଅଟୁ, ଆଉ ମୁଁ ତୁମ ସହିତ ସହଭାଗୀତା କରିବାକୁ ଇଚ୍ଛା କରେ ।"

ମୋଶାଙ୍କୁ ଏକ ମନୋନୟନ କରିବାକୁ ପଡ଼ିଥିଲା, ବିଶ୍ୱାସ ଦ୍ୱାରା ମନୋନୟନ ।

61 ଫାରୋଙ୍କ କନ୍ୟାର ପୁତ୍ର ହେବାର ସୁଯୋଗ ପାଇଁ କେତେ ଯୁବା ଲୋକମାନେ ଡେଇଁ ପଡ଼ିଥାଆନ୍ତେ! କେତେ ଯୁବା ଲୋକମାନେ ସେହି ସୁଯୋଗ ପ୍ରତି ଝାମ୍ପି ପକାନ୍ତେ ଯାହାକି ମୋଶାଙ୍କର ରହିଥିଲା, ଯେ ସଂସାରର ସମସ୍ତ ସୁଖ ବିଳାସ ଓ ଚାକଚକ୍ୟତା ଉପଭୋଗ କରିଥାଆନ୍ତେ, ମିସରର ରାଜା ହୋଇଥାଆନ୍ତେ, ଓ ସମଗ୍ର ଜଗତ ତାହାଙ୍କର ପାଦ ତଳେ ରହିଥାଆନ୍ତା! "କି ଏକ ମୂର୍ଖାମୀ ବିଷୟ," ବୋଲି ତାହାଙ୍କ ଦିନର ଯୁବା ଲୋକମାନେ ନିଶ୍ଚିତରେ ଭାବିଥିବେ, "ଯେତେବେଳେ ମୋଶା ପରମେଶ୍ୱରଙ୍କର ପୀଡ଼ିତ ଓ ଦୁଃଖଭୋଗ କରୁଥିବା ଲୋକମାନଙ୍କ ସହିତରେ ନିଜର ସ୍ଥାନ ନେବା ପାଇଁ ମନୋନୟନ କଲେ ।"

62 ସେ ସେହିପରି କାହିଁକି କଲେ? ବିଶ୍ୱାସ ଦ୍ୱାରା, ଯେତେବେଳେ ସେ ନିଜର ଚକ୍ଷୁକୁ ଉପରକୁ ଉଠାଇଲେ, ସେ ଏହି ଜଗତର ଚାକଚକ୍ୟତାଠାରୁ ସୁଦୂରରେ ଆରପାରିକୁ ଦେଖିଲେ। ସେ ପାପର ସୁଖଭୋଗଠାରୁ ସୁଦୂର ଆରପାରିକୁ ଦେଖିଲେ। ଆଉ ବାଇବଲ ବ୍ୟକ୍ତ କରେ ଯେ ସେ ବିଶ୍ୱାସ ଦ୍ୱାରା, ଯିଏ ଅଦୃଶ୍ୟ, ତାହାଙ୍କୁ ଦର୍ଶନ କଲା ପରି ସୁସ୍ଥିର ରହିଲେ, ଓ ସେହି ବିଷୟକୁ ଖାତିର ନ କରି ଯେ କ'ଣ ଘଟିବ ସେ ସେହି ପରମେଶ୍ୱରଙ୍କୁ ସେବା କରିବାର ଏକ ମନୋନୟନ କଲେ।

63 ଏହା ବଦଳିଯାଇ ନାହିଁ। ଆମମାନଙ୍କ ମଧ୍ୟରୁ ଅନେକେ ସେଠାକୁ ଯାଇ ପାରିଥାଆନ୍ତୁ ଯାହାକୁକି ଆମେ ଏକ ଅଧିକ ଉତ୍ତମ ଭବନ ବୋଲି କହିଥାଉ। ହୋଇପାରେ ଯେ, ଆମେମାନେ, ଏକ ଅଧିକ ଉତ୍ତମ ଉଚ୍ଚସ୍ଥାନରେ ବସିବାର ସୁଖ ଓ ସହଭାଗୀତା ଉପଭୋଗ କରି ପାରିଥାଆନ୍ତୁ। ଆମେ ଜଗତ ପରିକା ମଦ୍ୟପାନ କରିବାକୁ, ଓ ଧୂମ୍ରପାନ କରିବାକୁ, ଓ ସେମାନଙ୍କ ପରି ବସ୍ତ୍ର ପିନ୍ଧି କାର୍ଯ୍ୟକଳାପ କରିବାକୁ ଅଧିକ ଲୋକପ୍ରିୟ ହୋଇ ପାରିଥାଆନ୍ତୁ। ମାତ୍ର ମାମଲା କ'ଣ ଅଟେ? ଆପଣମାନେ ନିଜର ଚକ୍ଷୁକୁ ଉପରକୁ ଉଠାଇଅଛନ୍ତି, ଓ ବିଶ୍ୱାସ ଦ୍ୱାରା ତାହାଙ୍କୁ ଦେଖିଅଛନ୍ତି ଯିଏକି ଅଦୃଶ୍ୟ ଅଟନ୍ତି, ଏବଂ ଆଜିର ଦିନର ତୁଚ୍ଛ ଲୋକମାନଙ୍କ ସହିତରେ ଓ ତଥା-କଥିତ ପବିତ୍ର-ପାଗଳ କୁହାଯାଉଥିବା ଲୋକମାନଙ୍କ ସହିତରେ ନିଜର ପକ୍ଷ ନେଇଅଛନ୍ତି। ଯେହେତୁ ବିଶ୍ୱାସ ଦ୍ୱାରା ଆମେ ତାହାଙ୍କୁ ଦେଖିଅଛୁ ଯିଏକି ଅଦୃଶ୍ୟ ଅଟନ୍ତି, ପୁଣି ନିର୍ଯାତନାମାନ ଓ ଦୁଃଖ ପୀଡ଼ା ସହିବାକୁ ବାଛିଅଛୁ।

64 ମୁଁ ଲୋକମାନଙ୍କୁ ଏହା କହିବି ନାହିଁ ଯେ ସେମାନେ ପୀଡ଼ିତ ହେବା ନିମନ୍ତେ ବାଛିବା ଉଚିତ୍। ମୁଁ ଏହା କହେ ନାହିଁ ଯେ ଆପଣମାନେ ଦୁଃଖଭୋଗ କରିବାଟା ବାଛିବା ଉଚିତ୍। ଏହା କରିବାଟା ମାନବୀୟ ହେବ ନାହିଁ। ମାତ୍ର ଯଦି କର୍ତ୍ତବ୍ୟର ମାର୍ଗରେ ଦୁଃଖଭୋଗ ରହିଥାଏ, ତାହାହେଲେ ଆସୁ ଆମେ ଏହାକୁ ଗ୍ରହଣ କରୁ ଯେତେବେଳେକି ଏହା ଆସେ। ମୁଁ ଏହା ଚାହେଁ ନାହିଁ ଯେ ଆପଣ ଏପରି କିଛି କରନ୍ତୁ ଯେଉଁଥିପାଇଁକି କେହି ଆପଣଙ୍କୁ ପରିହାସ କରୁ। ମୁଁ ଏହା ଚାହିଁବି ନାହିଁ ଯେ ଆପଣ ଏପରି କିଛି ଭିନ୍ନ କଥା କୁହନ୍ତୁ, ଯଥା, "ମୁଁ ଜଣେ...ମୁଁ ଏପରି ଗୋଟିଏ ମଣ୍ଡଳୀର ଅଟେ, ଯାହାକି ଜଗତରେ, *ଅମୁକ-ଓ-ଅମୁକ* ବିଷୟକୁ ବିଶ୍ୱାସ କରନ୍ତି ନାହିଁ," ଓ ଏହିପରି ବିଷୟସବୁ, ଯଦ୍ଦ୍ୱାରାକି ଲୋକମାନେ କେବଳ ଆପଣଙ୍କୁ ପରିହାସ ହିଁ କରନ୍ତି। ଏହା ତ ଆପଣମାନେ ନିଜେ ତାହା ନିଜ ଉପରକୁ ଆଣୁଛନ୍ତି। ମୁଁ ଆପଣଙ୍କୁ ଏହା କହିବି ନାହିଁ ଯେ ଆପଣ ଏଠାରେ ବାହାରକୁ ବାହାରିଯାଇ ତାହା କରୁଥାଆନ୍ତୁ ଓ ଏପରି କିଛି କରନ୍ତୁ ଯାହାକି ଚରମପନ୍ଥୀକ ଅଟେ। ମୁଁ ଏହା ଚାହିଁବି ନାହିଁ ଯେ ଆପଣ ତାହା କରନ୍ତୁ ବୋଲି, ଯଦ୍ଦ୍ୱାରା କେହି ଆପଣଙ୍କୁ କହେ ଯେ ଆପଣ ଜଣେ ଧର୍ମପାଗଳ ଅଟନ୍ତି। ଆପଣ ତ ନିଜେ ତାହା ନିଜ ଉପରକୁ ନେଇ ଆସିଥାନ୍ତି। ମାତ୍ର ଯଦି ତାହା ପରମେଶ୍ୱରଙ୍କ ପ୍ରତି ଆପଣଙ୍କର କର୍ତ୍ତବ୍ୟର ମାର୍ଗରେ ରହିଥାଏ, ତାହାହେଲେ ଜଗତ ଯାହା କହିବାକୁ ଚାହେଁ ତାହା ସେମାନେ କହୁଥାଆନ୍ତୁ। ଆପଣ ଜୀବନ ବ୍ୟତିତ କରି ଚାଲନ୍ତୁ।

ଆପଣ ଏକ ମନୋନୟନ କରିନିଅନ୍ତୁ । ପ୍ରତ୍ୟେକ ପୁରୁଷ ଓ ସ୍ତ୍ରୀଙ୍କୁ ଏହା କରିବାକୁ ପଡ଼ିଥାଏ ।

65 କ'ଣ ହୋଇଥାଆନ୍ତା ଯଦି ଫାରୋ ତାହା ଦେଖି ପାରିଥାଆନ୍ତେ ଯାହାକି ମୋଶା ଦେଖିଥିଲେ? ସେ ଲୋକମାନଙ୍କର ଦୁଃଖଭୋଗକୁ ଦେଖିଥିଲେ । ସେ ଜାଣିଥିଲେ ଯେ ତାହାର କି ମୂଲ୍ୟ ଦେବାକୁ ଅଛି । ମାତ୍ର ବିଶ୍ୱାସ ଦ୍ୱାରା, ପାପର ସୁଖଭୋଗ କରିବା ଅପେକ୍ଷା ସେ ତାହାକୁ ହିଁ ବାଛିଲେ ।

66 ହୋଇପାରେ ଯେ ଏଠାରେ ସାନ ସାନ, ଯୁବା ସ୍ତ୍ରୀଲୋକମାନେ, ଅତି ସୁନ୍ଦରୀ ଯୁବତୀ ମହିଳା ରୂପରେ ବସିଥିବେ । ଜଗତ ଆପଣମାନଙ୍କୁ ଏହା କହିବାକୁ ଚାହିଁବ, "*ଅମୁକ-ଓ-ଅମୁକ* କର । ତୁମେ ସୁନ୍ଦର ଅଟ । ତୁମର ଦେହଟି ଏତେ ସୁନ୍ଦର ସୁଗଠିତ ଅଟେ । ତୁମକୁ ତାହା ପ୍ରଦର୍ଶିତ କରିବା ଉଚିତ୍ ଅଟେ ।"

67 ମାତ୍ର, ହେ ମୋ'ର ଭଉଣୀ, ଆପଣ ନିଜର ଚକ୍ଷୁକୁ ଉପରକୁ ଉଠାନ୍ତୁ ଓ ତାହାଠାରୁ ଆରପାରି ସୁଦୂରରେ, ତାହାଙ୍କୁ ଦେଖନ୍ତୁ ଯିଏକି ଏହା କହିଛନ୍ତି, "ଜଣେ ସ୍ତ୍ରୀଲୋକ ପାଇଁ ପୁରୁଷର ବସ୍ତ୍ର ପିନ୍ଧିବା ଘୃଣ୍ୟ ବିଷୟ ଅଟେ ।"

68 ଯଦି ଆପଣଙ୍କର ସମାଜରେ ଥିବା ଲୋକମାନଙ୍କ ମଧ୍ୟରେ ପୁରୁଷମାନେ, ଯଦି ସ୍ତ୍ରୀଲୋକମାନେ ଯାହାଙ୍କ ସହିତରେ ଆପଣଙ୍କର ବନ୍ଧୁତ୍ୱ ଅଛି, ଆପଣଙ୍କୁ ଏହା କହନ୍ତି, "ସେହି ଲମ୍ବା କେଶକୁ କାଟି ପକାଅ । ତାହା ତୁମକୁ ଶୀତଳତା ପ୍ରଦାନ କରିବ । ତାହା ତୁମକୁ *ଏହା*, *ତାହା* ବା *ଅନ୍ୟକିଛି* କରିଦେବ ।" ଅଥବା, "ତାହା ତୁମକୁ ଆହୁରି ଅଧିକ ଉତ୍ତମ କରିଦେବ ।" ଆପଣ ତାହା ପ୍ରତି କର୍ଣ୍ଣପାତ କରନ୍ତୁ ନାହିଁ!

69 ଆପଣ ନିଜର ଚକ୍ଷୁଗୁଡ଼ିକୁ ଉପରକୁ ଉଠାନ୍ତୁ, ଓ ବିଶ୍ୱାସ ଦ୍ୱାରା ତାହାଙ୍କୁ ଦେଖନ୍ତୁ ଯିଏକି ଏହା କହିଥିଲେ, "ସ୍ତ୍ରୀର କେଶ ତାହାର ଗୌରବ ଅଟେ, ଓ ସେ ଏହାକୁ ନ କାଟୁ ।"

70 ଯଦି ସେମାନେ କହନ୍ତି, "ଏହା ଲୋକପ୍ରିୟ କରିଦେବ । ଯଦି ଆପଣ ଟିକେ ସାମାଜିକ ମଦ୍ୟପାନ କରିବେ, ତେବେ ଆପଣ ନିଜର ଚାକିରି କ୍ଷେତ୍ରରେ, ଅଥବା ଆପଣଙ୍କର ହାକିମ ମୁନିବ ସହିତରେ ଆହୁରି ଅଧିକ ଉଚ୍ଚ ସ୍ତରରେ ଛିଡ଼ା ହେବେ । ଯଦି ଆପଣ ଅନ୍ୟାନ୍ୟ ସ୍ତ୍ରୀଲୋକମାନଙ୍କ ପରି ଧୂମ୍ରପାନ କରିବେ, ତାହାହେଲେ ଆପଣ ନିଜର ପ୍ରତିବାସୀଙ୍କ ଗହଣରେ ଅଧିକ ଉଚ୍ଚତର ସାମାଜିକ ସ୍ତରରେ ଛିଡ଼ା ହେବେ ।"

71 ବିଶ୍ୱାସ ଦ୍ୱାରା ଆପଣାର ଚକ୍ଷୁକୁ ଉଠାନ୍ତୁ ଓ ତାହାଙ୍କୁ ଦେଖନ୍ତୁ ଯିଏକି କହିଥିଲେ, "ଏହି ଶରୀରକୁ ଅପବିତ୍ର କଲେ, ମୁଁ ଏହାକୁ ବିନଷ୍ଟ କରିଦେବି ।" ବିଶ୍ୱାସ ଦ୍ୱାରା ଆମେ ସେହି ବିଷୟଗୁଡ଼ିକୁ ବିଶ୍ୱାସ କରୁ । ଏହା ତ ଏପରି କିଛି ବିଷୟ ନୁହେଁ ଯାହାକି ଆପଣ ଦେଖନ୍ତି । ଏହା ତ ଏପରି କିଛି ଅଟେ ଯାହାକି ଆପଣ ବିଶ୍ୱାସ କରନ୍ତି । ବିଶ୍ୱାସ ଦ୍ୱାରା, ମୋଶା ତାହା କରିଥିଲେ ।

72 ଆଉ ଏହି ବିଶ୍ଵାସର ଚଲାପଥରେ, ଏପରି ଏକ ସମୟ ଆସେ ଯେତେବେଳେକି ମନୋନୟନର ଏକ ବିଷୟ କରିବାକୁ ପଡ଼ିଥାଏ।

73 ଲୋଟ ସେହି ଦୁଃଖଜନକ ଭୁଲ୍ କଲେ ଯାହାକି ଆମେମାନେ କରିଥାଉ। ଅଧିକାଂଶ ସମୟରେ ଆମେ ଆମର ନିଜ ଲାଭ ପାଇଁ ବିଷୟଗୁଡ଼ିକୁ ବାଛିଥାଉ। ଆମେ ଏପରି ବିଷୟମାନ ବାଛିଥାଉ ଯାହାକି ଅଧିକ ଉତ୍ତମ ହୋଇଥିବ।

74 ବେଳେ ବେଳେ ମଣ୍ଡଳୀରେ ଯଦି ଗୋଟିଏ ଛୋଟ ବିବାଦ ଆସିଥାଏ, ଓ କେହି ଜଣେ କହେ, "ତେବେ, ଦୀକନ ଆଜ୍ଞା କିଅବା ପାଳକ ମହୋଦୟ ଏହି ପକ୍ଷରେ ଅଛନ୍ତି।" ତାହା ପ୍ରତି ଅନାନ୍ତୁ ନାହିଁ। ତାହା ପ୍ରତି ଅନାନ୍ତୁ ଯାହାକି ଧାର୍ମିକ ଅଟେ। ସେହି ବିବାଦର ବିଷୟକୁ ବାହାର କରିଦିଅନ୍ତୁ ଓ ସେହି ଦୁଇ ପକ୍ଷକୁ ଏକାଠି ଆଣନ୍ତୁ। ତାହା ଐଶ୍ଵରୀୟ ଅଟେ।

75 ଗୋଟିଏ ମନୋନୟନ ଅଛି। ଆଉ ଆମେମାନେ ନିଜେ ନିଜର ପାଇଁ ମନୋନୟନ କରିଥାଉ। ଆମେମାନେ ଏପରି କିଛି ବିଷୟ ମନୋନୟନ କରିଥାଉ ଯାହାକି ଆମର ନିଜର ଲାଭ ପାଇଁ ଅଟେ।

76 ମାତ୍ର ମୋଶା ଦୁଃଖଭୋଗ ଓ ଅଖ୍ୟାତି ବିଷୟକୁ ମନୋନୟନ କଲେ, ଯେପରିକି ସେ ପରମେଶ୍ଵରଙ୍କର ଲୋକମାନଙ୍କ ସହିତରେ ଚାଲିପାରନ୍ତି। ବର୍ତ୍ତମାନ ଏହା ବିଷୟରେ ଚିନ୍ତା କରନ୍ତୁ। ଏହାକୁ ଧ୍ୟାନରେ ଶୁଣନ୍ତୁ। "ପରମେଶ୍ଵରଙ୍କ ଲୋକମାନଙ୍କ ସହିତରେ ଦୁଃଖଭୋଗ କରିବାକୁ ସେ ପସନ୍ଦ କଲେ, ଓ ତାହାକୁ ଶ୍ରେଷ୍ଠତର ଧନ ବୋଲି ମନେ କଲେ, କାରଣ ଯେ ଅଦୃଶ୍ୟ, ତାହାଙ୍କୁ ଦର୍ଶନ କଲା ପରି ସୁସ୍ଥିର ରହିଲେ।"

ତେବେ, ଥରେ, ଲୋଟଙ୍କୁ, ଗୋଟିଏ ମନୋନୟନ କରିବାକୁ ପଡ଼ିଥିଲା।

77 ଆଉ ଏହା ହୋଇପାରେ ଯେ, ଏହି ସକାଳରେ, ଏଠାରେ ଏପରି ପୁରୁଷ ଓ ସ୍ତ୍ରୀଲୋକମାନେ ବସିଥିବେ, ଯେଉଁମାନେକି ଆପଣାର ଅନ୍ତିମ ମନୋନୟନ କରିବେ। ଆପଣ ଆଜି ତାହା ରହିଛନ୍ତି ଯାହାକି ଆପଣ ଅଟନ୍ତି, କାରଣ ଅନେକ ବର୍ଷ ପୂର୍ବେ ଆପଣ ତାହା ହେବା ପାଇଁ ବାଛି ନେଇଥିଲେ ଯାହାକି ଆପଣ ବର୍ତ୍ତମାନ ଅଟନ୍ତି। ଆଉ ବର୍ତ୍ତମାନ ଆପଣ ଯାହା ବାଛନ୍ତି ତାହା ଏହା ନିର୍ଦ୍ଧାରିତ କରିବ ଯେ ଆପଣ ଆଜିଠାରୁ ନେଇ ପାଞ୍ଚ ବର୍ଷ ପରେ କ'ଣ ହେବାକୁ ଯାଉଅଛନ୍ତି। ଆଜିଠାରୁ ପାଞ୍ଚ ବର୍ଷ ପରେ ଆପଣ ଜଣେ ମିଶନାରୀ ହୋଇପାରନ୍ତି। ଆଜିଠାରୁ ପାଞ୍ଚ ବର୍ଷ ପରେ ଆପଣ ଜଣେ ସୁଖ୍ୟାତନାମା ଖ୍ରୀଷ୍ଟିୟାନ ହୋଇପାରନ୍ତି।

78 କିଅବା, ଆଜିଠାରୁ ପାଞ୍ଚ ବର୍ଷ ପରେ ଆପଣ ନରକରେ ଥାଇପାରନ୍ତି, ଯେହେତୁ ଆପଣ ଭୁଲ୍ ନିର୍ଣ୍ଣୟ ନେଇଥିଲେ। ଆଜିଠାରୁ ପାଞ୍ଚ ବର୍ଷ ପରେ ହୋଇପାରେ ଯେ ଆପଣ ଗୋଟିଏ ମଦଶାଳାରେ ଲୋକମାନଙ୍କର ଛେପକୁ ସଫା କରୁ ଥାଇପାରନ୍ତି। ଆଜିଠାରୁ ପାଞ୍ଚ ବର୍ଷ ଉତ୍ତାରେ ହୋଇପାରେ ଯେ ଆପଣ ରାସ୍ତାରେ ଗୋଟିଏ ବେଶ୍ୟା ହୋଇ ଥାଇପାରନ୍ତି।

79 ଅଥବା, ଏହା ହୋଇପାରେ ଯେ ଖ୍ରୀଷ୍ଟଙ୍କ ନିମନ୍ତେ ନେଇଥିବା ଆପଣଙ୍କର ମନୋନୟନ ହେତୁରୁ, ଆପଣ ଏପରି ଜଣେ ପୁରୁଷ କିମ୍ବା ଏପରି ଜଣେ ସ୍ତ୍ରୀଲୋକ ହୋଇ ଥାଇପାରନ୍ତି ଯିଏକି—ଯିଏକି କୌଣସି ସମାଜ ପାଇଁ ଏକ ସମ୍ମାନର ବିଷୟ ଅଟେ । ଆଜିଠାରୁ ପାଞ୍ଚ ବର୍ଷ ଉତ୍ତାରେ ହୋଇପାରେ ଯେ ଆପଣ ମହିମାରେ ଥାଇପାରନ୍ତି, ଉର୍ଦ୍ଧାନ୍ତିକରଣରେ ଚାଲି ଯାଇ ଥାଇପାରନ୍ତି, ଯେହେତୁ ଆପଣ ଆଜି ନିଜର ମନୋନୟନ କରିଥିଲେ ।

80 ମାତ୍ର ଆପଣଙ୍କୁ ତ ମନୋନୟନ କରିବାକୁ ଅଛି । ଆଉ ଆପଣ ଯାହା ଦେଖନ୍ତି ତାହା ପ୍ରତି ଦୃଷ୍ଟିପାତ କରନ୍ତୁ ନାହିଁ । ତାହାକୁ ମନୋନୟନ କରନ୍ତୁ ଯାହା ଆପଣ ବିଶ୍ୱାସ ଦ୍ୱାରା ଦେଖନ୍ତି । କେବଳ ତାହାହିଁ ଗଣତିରେ ଆସିବ, ଯାହାକି ଆପଣ ବିଶ୍ୱାସ ଦ୍ୱାରା ମନୋନୟନ କରନ୍ତି ।

81 ଲୋଟ, ଯେତେବେଳେକି ତାହାଙ୍କୁ ଏକ ମନୋନୟନ କରିବାକୁ ଥିଲା । ଅବ୍ରହାମ ଲୋଟଙ୍କୁ ତାହାର ମନୋନୟନ କରିଥିବା ବିଷୟକୁ ଦେଲେ ।

82 ଆଉ ପରମେଶ୍ୱର ଆପଣଙ୍କୁ ଆପଣଙ୍କର ମନୋନୟନ କରିଥିବା ବିଷୟକୁ ଦେଇଥା'ନ୍ତି । "ଆଜି ଏହି ଦିନରେ ତୁମେ ମନୋନୀତ କର ଯେ ତୁମେ କାହାର ସେବା କରିବ ।" ଏଦନର ବଗିଚାରେ ସେଠାରେ ଗୋଟିଏ ସଦ୍ ସତ୍ ଜ୍ଞାନଦାୟକର—ର ବୃକ୍ଷ ଥିଲା, ଓ ଗୋଟିଏ ଜୀବନର ବୃକ୍ଷ ଥିଲା । ମନୁଷ୍ୟକୁ ଏହା ଅଧିକାର ଦିଆଯାଇଥିଲା ଯେ ସେହି ଦୁଇ ମଧ୍ୟରୁ ଯାହା ତାହାର ଇଚ୍ଛା ସେ ଗୋଟିଏକୁ ବାଛୁ । ଆଉ ଆଜି ମଧ୍ୟ ଠିକ୍ ତାହାହିଁ ଅଟେ । ଏକ ସ୍ୱାଧୀନ ନୈତିକ ମୂଲ୍ୟର କର୍ତ୍ତା ଭାବରେ, ଆପଣଙ୍କୁ ଆପଣଙ୍କର ଅଧିକାର ଦିଆଯାଇଅଛି, ଯେ ଯାହାକିଛି ଆପଣ ବାଛିବାକୁ ଇଚ୍ଛା କରନ୍ତି ଆପଣ ତାହା ବାଛନ୍ତୁ ।

83 ମୋ'ର ଆପଣମାନଙ୍କୁ ପରାମର୍ଶ, ଯେ, ଆପଣଙ୍କ ଚାରିପାଖରେ ଥିବା ଆଧୁନିକ ବିଷୟବସ୍ତୁ ପ୍ରତି ଦୃଷ୍ଟିପାତ କରନ୍ତୁ ନାହିଁ, ଓ ସେହି ଲୋକପ୍ରିୟତା ଏବଂ ସେହି ଚାକଚକ୍ୟତା ପ୍ରତି ଯାହାକି ଆପଣ ହୋଇପାରିବେ ଦୃଷ୍ଟିପାତ କରନ୍ତୁ ନାହିଁ । ମାତ୍ର, ବରଂ, ବିଶ୍ୱାସ ଦ୍ୱାରା, ଆପଣମାନେ ତାହାଙ୍କୁ ବାଛନ୍ତୁ ଯିଏକି ଏହି ପ୍ରତିଜ୍ଞା ଦେଇଅଛନ୍ତି ଯେ କୌଣସି ଏକ ଦିନେ ସେ ଆସିବେ ଓ ସମସ୍ତ ଭୁଲ୍ ବିଷୟଗୁଡ଼ିକୁ ସଠିକ୍ କରିଦେବେ, ଓ ଆପଣଙ୍କୁ ଅନନ୍ତ ଜୀବନ ପ୍ରଦାନ କରିବେ, ଓ ଆପଣଙ୍କୁ ଉତ୍‌ଥିତ କରିବେ । ଏଥିରେ କିଛି ଯାଏ ଆସେ ନାହିଁ ଯେ ଯଦି ଆପଣ ପରମେଶ୍ୱରଙ୍କ ଅଳ୍ପ ଲୋକମାନଙ୍କ ସହିତରେ ତୁଚ୍ଛୀକୃତ ମାର୍ଗକୁ ଆପଣେଇଛନ୍ତି, ଆପଣ ତାହାହିଁ ବାଛନ୍ତୁ । ଯଦି ଆପଣଙ୍କ ଆଖପାଖରେ ସମସ୍ୟାମାନ ଥାଏ, ଯଦି ସେହି ଦେଶରେ ସମସ୍ୟାମାନ ଥାଏ, ଯଦି ମଣ୍ଡଳୀରେ ସମସ୍ୟାମାନ ଥାଏ, ଯଦି ଘରେ ସମସ୍ୟାମାନ ଥାଏ, ଏଥିରେ କିଛି ଯାଏ ଆସେ ନାହିଁ ଯେ ତାହା କେଉଁଠାରେ ଅଟେ, ଆପଣ ନିଜର ବିଷୟ ବାଛି ନିଅନ୍ତୁ, "ବିଶ୍ୱାସ ଦ୍ୱାରା, ମୁଁ ପରମେଶ୍ୱରଙ୍କର ସେବା କରିବି । ତାହାଙ୍କର ଛାମୁରେ ମୁଁ ମୋ'ର ହୃଦୟକୁ ବିନମ୍ର କରିବି । ମୁଁ ପରମେଶ୍ୱରଙ୍କ ସନ୍ତାନମାନଙ୍କ ସହିତରେ ମାର୍ଗ ଗ୍ରହଣ କରିବି । ମୁଁ ସେମାନଙ୍କୁ ତୁଚ୍ଛୀକୃତ ଓ ଅଗ୍ରାହ୍ୟ କରାଯାଇଥିବା ଭାବରେ ଦେଖେ, ସେମାନେ ତଡ଼ାଯାଇଥିବା ପରି ଓ ପରିହାସ କରାଯାଇଥିବା ପରି ଦେଖାଯାଆନ୍ତି, ମାତ୍ର ତଥାପି ମୁଁ

ମୋ'ର କର୍ତ୍ତବ୍ୟର କାର୍ଯ୍ୟପଦକୁ ଗ୍ରହଣ କରିବି । ମୁଁ ଠିକ୍ ସେହିଠାରେ ଛିଡ଼ା ରହିବି । ଆଉ ଯେତେବେଳେ ସେମାନେ କାନ୍ଦିବେ, ମୁଁ ସେମାନଙ୍କ ସହିତରେ କାନ୍ଦିବି । ଆଉ ଯେତେବେଳେ ସେଠାରେ ଦୁଃଖ ଆସେ, ମୁଁ ସେମାନଙ୍କ ସହିତରେ ଦୁଃଖ କରିବି । ସେମାନେ ଯେଉଁପରି ଭାବରେ ରହନ୍ତି, ମୁଁ ସେହିପରି ଭାବରେ ରହିବି ।"

84 ଯେପରିକି ନୟମୀ କହିଥିଲା...ଅବା, ରୂତ ନୟମୀକୁ କହିଥିଲା, "ତୁମର ମାର୍ଗସକଳ ମୋ'ର ମାର୍ଗସକଳ ହେଉ । ମୋ'ର ମାର୍ଗସକଳ ତୁମର ମାର୍ଗସକଳ ହେଉ । ଯେଉଁଠାରେ ତୁମେ ରହିବ, ସେହିଠାରେ ମୁଁ ରହିବି । ଯେଉଁଠାକୁ ତୁମେ ଯିବ, ସେଇଠାକୁ ମୁଁ ଯିବି । ଯେଉଁ ପରମେଶ୍ୱରଙ୍କୁ ତୁମେ ସେବା କର ସେ ମୋ'ର ପରମେଶ୍ୱର ହେବେ ।" ସେହି ମନୋନୟନକୁ ଗ୍ରହଣ କରନ୍ତୁ, ଯଦ୍ଦପି ଏହା ଆପଣଙ୍କର ସେହି ବିବେକ ବିଚାରଠାରୁ, ଯେ ଆପଣ କିଛି ଗୋଟାଏ ଅଟନ୍ତି, ଚମଡ଼ାକୁ ଟାଣି ବାହାର କରିପକାଏ । ଆପଣା ଚିନ୍ତା ବିଚାରର ଚମଡ଼ାକୁ ବାହର କରିପକାନ୍ତୁ ଓ ପ୍ରଭୁଙ୍କର ତୁଚ୍ଛୀକୃତ ଅଳ୍ପ ଲୋକମାନଙ୍କ ସହିତରେ ନିଜର ମାର୍ଗକୁ ଗ୍ରହଣ କରିନିଅନ୍ତୁ, ଆଉ ସେବାର କ୍ଷେତ୍ରରେ ଓ କର୍ତ୍ତବ୍ୟର କାର୍ଯ୍ୟପଦରେ ବିଶ୍ୱସ୍ତ ରୁହନ୍ତୁ ।

85 ଲୋଟ ଚାରିଆଡ଼େ ଅନାଇଲା । ସେ କହିଲା, "ମୋ'ର ଏକ ମନୋନୟନ ଅଛି ।" ଆଉ ସେ ସଦୋମ ଆଡ଼େ ଅନାଇଲା । ସେ ସେହି ଭଲ ଭଲ ତୃଣମୟ କ୍ଷେତ୍ରଗୁଡ଼ିକୁ ଦେଖିଲା ଯେ ତାହା ସେହି ସ୍ଥାନଠାରୁ ଅଧିକ ଉତ୍ତମ ଥିଲା ଯାହାକି ଅବ୍ରହାମ ଦେଖିଥିଲେ, ଓ ଯେଉଁଠାରେକି ଅବ୍ରହାମ ରହୁଥିଲେ । ସେ ନିଜର ପଶୁପଲକୁ ଚରାଇବାର, ଓ ଅଧିକ ହୃଷ୍ଟ ପୃଷ୍ଟ ପୁଣି ଅଧିକ ଉତ୍ତମ ଗୋ-ମେଷପଲ ଇତ୍ୟାଦିର ସୁଯୋଗଗୁଡ଼ିକୁ ଦେଖିଲା ।

86 ମୁଁ ଆଶା କରେ ଯେ ମୁଁ କାହାରି ହୃଦୟକୁ ଆଘାତ କରୁନାହିଁ । ମାତ୍ର ଏହାହିଁ ତ ବହୁତ ଅଧିକାଂଶ ପ୍ରଚାରକମାନଙ୍କର ମୂଳ ଦୃଷ୍ଟି ରହିଅଛି ଯେ, ସେମାନେ ଏହା ଭାବି ସୁସମାଚାର ସହିତ ଆପୋଷ ନିଷ୍ପତ୍ତି ନେଇଥାନ୍ତି ଯେ, ସେମାନେ ଏଥିରୁ ଆଉ ଟିକେ ଅଧିକ ଧନ ଅର୍ଜନ କରିପାରିବେ । [ଭାଇ ବ୍ରାନ୍‌ହାମ୍ ତିନି ଥର ନିଜ ହାତରେ ତାଳି ବଜାନ୍ତି—ଅନୁ] ଏକ ଭୋଜନ ଟିକଟ ହେତୁ! ମୁଁ ତ ବରଂ ନିର୍ଜନ ଭୂମିରେ ବସବାସ କରିବି, ଏକ ଝରଣାରୁ ପାନ କରିବି, ଖାଦ୍ୟ ଖାଇବି, ଓ ସୋଡ଼ା ବିସ୍କୁଟ ଖାଇବି, ଏହା ଅପେକ୍ଷାକି ମୁଁ ଜୀବିତ ପରମେଶ୍ୱରଙ୍କ ବାକ୍ୟରେ ମୋ'ର ବିଶ୍ୱାସର ଦୃଢ଼ ଧାରଣା ଉପରେ ଆପୋଷ ନିଷ୍ପତ୍ତି ଗ୍ରହଣ କରେ । ମୁଁ ମୋ'ର ମାର୍ଗକୁ ଗ୍ରହଣ କରିବି ।

87 ସେମାନଙ୍କ ମଧ୍ୟରୁ କେତେକେ କହିଲେ, "ବିଲୀ, ତୁମ ସଭା ସହିତ କ'ଣ ମାମଲା ଅଟେ, ଯେହେତୁ ସେଥିରେ ବହୁତ ଅଧିକ ପେଣ୍ଟିକଷ୍ଟାଲମାନେ ରହିଥାନ୍ତି ।" ନାମଧାରୀ ସଂସ୍ଥାର ଜଣେ ମହାନ ସେବକ ତାହା କହିଲେ ।

ମୁଁ ପଚାରିଲି, "କ'ଣ ଆପଣଙ୍କର ନାମଧାରୀ ସଂସ୍ଥା ମୋ'ର ସଭାକୁ ପ୍ରାୟୋଜିତ କରିବ?"

88 ଅଧିକ ଦିନ ହୋଇନାହିଁ, ଲୁକ୍ ପତ୍ରିକାରେ, ମୁଁ ବିଶ୍ୱାସ କରେ ଯେ, ଗୋଟିଏ ସମ୍ପାଦକୀୟ ଲେଖା ଛପିଥିଲା । ଆଉ ସେଠାରେ ସେହି ଲେଖକ ଜଣକ କହିଥିଲେ, ସେ ପେଣ୍ଟିକଷ୍ଟାଲ ଲୋକମାନଙ୍କ ବିଷୟରେ କହୁଥିଲେ । ସେ କହିଲେ, "ଜଗତରେ ଆଜି ପେଣ୍ଟିକଷ୍ଟାଲ ମଣ୍ଡଳୀଟି ସବୁଠୁ ଦ୍ରୁତ ଗତିରେ ବଢୁଥିବାର ମଣ୍ଡଳୀ ଅଟେ ।" କାହିଁକି? ଏହାର କାରଣ ହେଲା ଯେ ପୁରୁଷ ଓ ସ୍ତ୍ରୀଲୋକମାନେ ସେମାନଙ୍କର ଚକ୍ଷୁଗୁଡ଼ିକୁ ଉତ୍ତୋଳନ କରିଅଛନ୍ତି ଓ କହିଁ ଅଧିକ ସୁଦୂରକୁ ଦେଖିଅଛନ୍ତି ।

89 ଆଉ ସେହି ଲେଖକ ଜଣକ ପେଣ୍ଟିକଷ୍ଟାଲ ଲୋକମାନଙ୍କୁ ପ୍ରଶଂସା ମଧ୍ୟ କରିଥିଲେ । ଓଃ, ଅବଶ୍ୟ, ସେ କହିଥିଲେ, "ସେମାନଙ୍କ ମଧ୍ୟରୁ ଏପରି କେତେକ ଜଣ ଥିଲେ ଯେଉଁମାନେକି ଚରମପନ୍ଥୀକ, ଓ ପ୍ରଭୃତି ସବୁ ହୋଇଗଲେ । ମାତ୍ର, ମେଥୋଡିଷ୍ଟ ଗୋଟିଏ ମତ ସିଦ୍ଧାନ୍ତକୁ ଉପାସନା କରେ । ସେମାନେ ପରମେଶ୍ୱରଙ୍କ ଉପାସନା ଏକ ମତ ଦ୍ୱାରା କରିଥାନ୍ତି । ବାପ୍‌ଟିଷ୍ଟ ମଧ୍ୟ ସମାନ ହିଁ କରିଥାଏ, ଏବଂ ପ୍ରେସବିଟେରିୟନମାନେ ସୁଦ୍ଧା ସେହିପରି କରିଥାନ୍ତି । ମାତ୍ର ପେଣ୍ଟିକଷ୍ଟାଲ ତାହାର ବାଇବଲ ଦ୍ୱାରା ଉପାସନା କରିଥାଏ ।"

90 ବିଶ୍ୱାସ ଦ୍ୱାରା ଆମେ ପ୍ରତିଜ୍ଞାକୁ ଦେଖୁ । ମୁଁ ମୋ'ର ପକ୍ଷ ସେମାନଙ୍କ ସହିତରେ ନେବି, ଏଥିରେ କିଛି ଯାଏ ଆସେ ନାହିଁ ଯେ ସେମାନେ କେତେ ତୁଚ୍ଛ କରାଯାଆନ୍ତି, ତଥାପି ମୁଁ ସେମାନଙ୍କ ମଧ୍ୟରୁ ଜଣେ ଅଟେ । ଯଦ୍ଦପି ସେମାନଙ୍କୁ ଥଟ୍ଟା ପରିହାସ କରାଯାଇଥାଏ, ଓ ସେମାନଙ୍କର ଉତ୍‌ଥାନ-ଓ-ପତନମାନ ରହିଅଛି, ଯେପରିକି ଇସ୍ରାଏଲର ରହିଥିଲା, ମୁଁ କେବେହେଲେ ସେହି ପର୍ବତଦେଶରେ ସେହି ଭଣ୍ଡ ଭାବବାଦୀ, ଜଣେ ବିଲିୟାମ ସହିତ ଛିଡ଼ା ହେବାକୁ ଚାହିଁବି ନାହିଁ, ଓ ଯାହା ପରମେଶ୍ୱର ଆଶୀର୍ବାଦ କରିଅଛନ୍ତି ତାହାକୁ ଅଭିଶାପ ଦେବାକୁ ଚାହିଁବି ନାହିଁ । କାରଣ, ସେହି ଛାଉଣୀରେ ଗୋଟିଏ ପ୍ରହାରିତ ଶୈଳ ଅଛି, ଆଉ ଏକ ରକ୍ତାକ୍ତ ବଳିଦାନ ଅଛି, ଓ ଏକ ଅଗ୍ନିସ୍ତମ୍ଭ ଅଛି । ଏଥିରେ କିଛି ଯାଏ ଆସେ ନାହିଁ ଯେ ସେମାନେ କେଉଁ ଅବସ୍ଥାରେ ଅଛନ୍ତି, ଏହା ତ ସେମାନଙ୍କୁ ବିଜୟ ଆଡ଼କୁ କଢ଼ାଇ ନେଉଅଛି, ଓ ସେମାନଙ୍କୁ ତାହା ପ୍ରତି ଆସିବାକୁ ହିଁ ଅଛି, କାରଣ ସେମାନେ ପ୍ରତିଜ୍ଞାତ ଲୋକ ଅଟନ୍ତି ଯେଉଁମାନେକି ବିଶ୍ୱାସ ଦ୍ୱାରା ଚାଲୁଅଛନ୍ତି । ଯଦ୍ଦପି ସେମାନେ କୌଣସି ଏକ ନାମଧାରୀ ସଂସ୍ଥା ନ ଥିଲେ, ସେମାନେ ଏଣେ ତେଣେ ଭ୍ରମଣକାରୀମାନେ ଥିଲେ, ଆଉ ପରମେଶ୍ୱରଙ୍କର ଲୋକମାନେ ତ ଠିକ୍ ସେହିପରି ହିଁ ଅଟନ୍ତି । ମାତ୍ର ମୁଁ ତ ମୋ'ର ମାର୍ଗ ସେମାନଙ୍କ ସହିତରେ ନେବାକୁ ଚାହେଁ, ସେମାନଙ୍କର ଶ୍ରେଣୀରେ ସେମାନଙ୍କ ସହିତ ମିଶିବାକୁ ଚାହେଁ; ସେମାନଙ୍କର ନାମଧାରୀ ସଂସ୍ଥାଗୁଡ଼ିକରେ ନୁହେଁ, ମାତ୍ର ପରମେଶ୍ୱରଙ୍କ ଅନନ୍ତକାଳୀନ ଆତ୍ମାର ନିୟମାବଳୀର ଚାରିପାଖେ ସେମାନଙ୍କ ସହଭାଗୀତାରେ ମିଶିବାକୁ ଚାହେଁ, ଯାହାକି, ବିଶ୍ୱାସ ଦ୍ୱାରା ମୁଁ ପବିତ୍ରଆତ୍ମାର ବାପ୍ତିସ୍ମ ଗ୍ରହଣ କରିଅଛି । ପରମେଶ୍ୱର ମୋତେ ସଦାସର୍ବଦା ସେହିପରି ମନୋଭାବ ରଖିବା ପାଇଁ ସାହାଯ୍ୟ କରନ୍ତୁ ।

91 ଧ୍ୟାନ ଦିଅନ୍ତୁ । ଯେତେବେଳେ ସେମାନେ ଅଗ୍ରସର ହେଲେ, ଆମେମାନେ ପାଉ ଯେ

ଲୋଟ ଏକ—ଏକ ହୃଷ୍ଟ ପୃଷ୍ଟ ପଶୁପଲର ସୁଯୋଗମାନ ଦେଖିଲେ। ଅନେକେ ଆର୍ଥିକ ସମ୍ବଳର ଏକ ମୋଟା ପକେଟବହିର ସୁଯୋଗମାନ ଦେଖିଥାନ୍ତି। ଅନେକେ ସମାଜରେ ଏକ ଅଧିକ ଉତ୍ତମ ପ୍ରତିଷ୍ଠିତ ଅବସ୍ଥାର ସୁଯୋଗମାନ ଦେଖିଥାନ୍ତି। ସେ ଅଳ୍ପ କିଛି ଅଧିକ ଟଙ୍କା ପଇସାର ସମ୍ଭାବନାମାନ ଦେଖିଲେ। ସେ ସେହି ନଗରର ନଗରାଧ୍ୟକ୍ଷ ହେବାର ସମ୍ଭାବନାମାନ ଦେଖିଲେ। ଜଣେ ପରଦେଶୀ ହୋଇଥିବା ହେତୁରୁ, ପୁଣି ଜଣେ ଚତୁର ତୀକ୍ଷ୍ଣ ବୁଦ୍ଧି ପ୍ରବୀଣ ବ୍ୟକ୍ତି ହୋଇଥିବା ହେତୁରୁ, ଯାହାକି ସେ ଥିଲେ, "ହୋଇପାରେ ଯେ ମୁଁ ସେହି ନଗରର ପ୍ରମୁଖ ବ୍ୟକ୍ତି ହୋଇଯିବି।" ସେ ସେହି ସମ୍ଭାବନାଗୁଡ଼ିକୁ ଦେଖିଲେ କାରଣ ତାହାସବୁ ତାହାଙ୍କ ସମ୍ମୁଖରେ ବ୍ୟାପ୍ତ ରହିଥିଲା। ମାତ୍ର ସେ ସେହି ଅଗ୍ନିକୁ ଦେଖିଲେ ନାହିଁ ଯାହାକି ସେହି ଦେଶକୁ ବିନାଶ କରିବାକୁ ଯାଉଥିଲା। ସେ ନିଜକୁ ସେହି ବିଷୟରେ ମୀମାଂସା କଲେ ନାହିଁ, ଯେ ସେହି ଦେଶଟା ପାପରେ ପରିପୂର୍ଣ୍ଣ ଥିଲା ଆଉ ପରମେଶ୍ୱରଙ୍କୁ ତାହା ବିନାଶ କରିବାକୁ ଥିଲା।

92 ଆଉ, ଆଜି, ଲୋକମାନେ ପରସ୍ପର ଆପଣାକୁ ଏହା କହି ମୀମାଂସା କରିବାକୁ ଚେଷ୍ଟା କରୁଅଛନ୍ତି ଯେ, "କ'ଣ ତୁମେ...?"

ଯେପରିକି ମୁଁ କହିବି, "କ'ଣ ଆପଣ ଜଣେ ଖ୍ରୀଷ୍ଟିୟାନ ଅଟନ୍ତି?"

93 ସେମାନେ ଉତ୍ତର ଦିଅନ୍ତି, "ମୁଁ ଜଣେ ଆମେରିକୀୟ ଅଟେ।" ଏହାର ତ ତାହା ସହିତ ଏହା ଅପେକ୍ଷା ଅଧିକ କିଛି ସମ୍ବନ୍ଧ ନାହିଁ ଯେତେବେଳେ ଆମେ ଗୋଟିଏ କାଉକୁ ଗୋଟିଏ ବେଙ୍ଗ କହିବାକୁ ଚେଷ୍ଟା କରିଥାଉ। ଏହାର ତ ତାହା ସହିତ କିଛି ହେଲେ ସମ୍ବନ୍ଧ ନାହିଁ। [ଭାଇ ବ୍ରାନ୍‌ହାମ୍ ନିଜ ହାତରେ ଥରେ ତାଳି ବଜାନ୍ତି—ଅନୁ]

94 ସେ ତ ବିନାଶ ହେବାକୁ ଯାଉଅଛି, ଯେହେତୁ ପରମେଶ୍ୱର ନ୍ୟାୟବାନ ଅଟନ୍ତି। ଆଉ ଯଦି ଆମେରିକା ତା'ର ପାପଗୁଡ଼ିକୁ ନେଇ ରକ୍ଷା ପାଇଯାଏ, ତାହାହେଲେ ସେହି ନ୍ୟାୟବାନ ଓ ସାର୍ବଭୌମ, ପବିତ୍ର ପରମେଶ୍ୱର ସଦୋମ ଓ ଗମରାକୁ ପୁନରୁତ୍‌ଥିତ କରିବାକୁ—କୁ କର୍ତ୍ତବ୍ୟବଦ୍ଧ ହେବେ ଓ ସେମାନଙ୍କୁ ସେମାନଙ୍କର ପାପ ସକାଶୁ, ଜାଳି ପୋଡ଼ି ଦେଇଥିବା ହେତୁ ସେମାନଙ୍କଠୁଁ କ୍ଷମା ମାଗିବାକୁ କର୍ତ୍ତବ୍ୟବଦ୍ଧ ହେବେ; ଯଦି ସେ ଆମମାନଙ୍କୁ ଆମର ଏହି ବିଷୟ ସହିତ ରକ୍ଷା ପାଇଯିବାକୁ ଛାଡ଼ିଦିଅନ୍ତି।

95 ଯଦି ସେ ଆପଣଙ୍କୁ ଆପଣଙ୍କର ଅନ୍ୟାୟର କାର୍ଯ୍ୟଗୁଡ଼ିକ ସତ୍ତ୍ୱେ ସ୍ୱର୍ଗକୁ ଯିବାକୁ ଦେଇଥାନ୍ତି, ତେବେ ତାହାଙ୍କୁ ହନନିୟ ଓ ଶଫୀରାକୁ ଉଠାଇବାକୁ ପଡ଼ିବ ଓ ସେମାନଙ୍କୁ ଆଉ ଏକ ସୁଯୋଗ ଦେବାକୁ ପଡ଼ିବ। ନିଶ୍ଚିତରେ ତାହାଙ୍କୁ ସେପରି କରିବାକୁ ପଡ଼ିବ। ମାତ୍ର ସେ ଧାର୍ମିକ ଅଟନ୍ତି। ହନନିୟ ତାହାର ଧନକୁ ଦେଖିଥିଲା। ପିତର ଖ୍ରୀଷ୍ଟଙ୍କୁ ଦେଖିଥିଲେ।

96 ହେ ମୋ'ର ପ୍ରଭୁ! ଲୋଟ ସେହି ସ୍ଥାନରେ ତାହାର ସନ୍ତାନମାନଙ୍କର ବିନାଶକୁ ଦେଖିଲା ନାହିଁ।

97 ଆପଣମାନଙ୍କ ମଧ୍ୟରୁ ଅନେକେ, ଆଜି, ଯେଉଁମାନେକି ଏହି ପୁରୁଣା ରୀତି ନୀତିର ସିଦ୍ଧାନ୍ତଗୁଡ଼ିକୁ ଓ ପ୍ରଭୃତି ବିଷୟସବୁକୁ ଧରି ରହିଛନ୍ତି, ଆପଣମାନେ ନିଜର ସନ୍ତାନ ସନ୍ତତିମାନଙ୍କର ଯୌବନାବସ୍ଥା-ଜନିତ ଅପରାଧକୁ ଓ ବିନାଶକୁ ଦେଖନ୍ତି ନାହିଁ। ଆପଣମାନେ ନିଜର କନ୍ୟାକୁ ଏକ ବୈଶ୍ୟାଳୟରେ ରହିଥିବାର ଦେଖନ୍ତି ନାହିଁ। ଆପଣମାନେ ନିଜର ପୁତ୍ରକୁ ଏକ ମଦୁଆ ରୂପେ, କିଅବା କୌଣସିଠାରେ ଏକ ତାଶ ଖେଳାଯାଉଥିବା ମେଜରେ ବସି ରହିଥିବାର ଦେଖନ୍ତି ନାହିଁ।

98 "କାରଣ ତାହା ତ ଉତ୍ତମ-ରୂପେ ଜଳସେଚିତ ଅଟେ।" ମାତ୍ର ପାପ ତ ସ୍ପର୍ଶ କରାଯାଏ ନାହିଁ। ଯେତେବେଳେ ସେ ଦେଖୁଥିଲେ, ସେ ନିଜର ପତ୍ନୀକୁ, ଯିଏକି ସମସ୍ତ ସାମାଜିକ ସଂଗଠନଗୁଡ଼ିକର ମୂଖ୍ୟ ଥିଲେ, ତାହାଙ୍କୁ ଏକ ଲବଣସ୍ତମ୍ଭରେ ପରିଣତ ହେବାର ଦେଖିଲେ ନାହିଁ। ସେ ନିଜକୁ ନିଜର ଜୀବନରକ୍ଷା ହେତୁ, କେଉଁଠାରେ ଏକ ସାନ ନଗରକୁ, ମୃତ୍ୟୁଠାରୁ ଅଳ୍ପକେ ବର୍ତ୍ତି ଯାଇ ପଳାୟନ କରୁଥିବାର ବିଷୟକୁ ଦେଖିଲେ ନାହିଁ। ସେ ତାହାସବୁ ଦେଖିଲେ ନାହିଁ, କାରଣ ସେ ତ କେବଳ ତାହାସବୁ ପ୍ରତି ହିଁ ଦୃଷ୍ଟିପାତ କଲେ ଯାହାକି ସେ ନିଜ ସମ୍ମୁଖରେ ରହିଥିବାର ଦେଖିଲେ।

99 ମାତ୍ର, ଅବ୍ରହାମ, ସେ ସେହି ଉତ୍ତମ-ଜଳସେଚିତ ଭୂମିକୁ ଲକ୍ଷ୍ୟ କଲେ ନାହିଁ, କାରଣ ସେ ନିଜର ଚକ୍ଷୁଗୁଡ଼ିକୁ ଉପରକୁ ଉଠାଇଲେ ଓ ଆସନ୍ତାକାଲିକୁ ଦେଖିଲେ, ଯେହେତୁ ସେ ସମସ୍ତ ବିଷୟର ଅଧିକାରୀ ହେବେ। ଆଜି ଜଣେ ବାସ୍ତବିକ ଖ୍ରୀଷ୍ଟିୟାନ ନିଜର ଚକ୍ଷୁଗୁଡ଼ିକୁ ଉପରକୁ ଉଠାଏ ଓ ଖ୍ରୀଷ୍ଟଙ୍କର ପ୍ରତିଜ୍ଞାକୁ ଦେଖେ: "ନମ୍ର ଲୋକେ ଧନ୍ୟ ଯେହେତୁ ସେମାନେ ସମସ୍ତ ବିଷୟର ଅଧିକାରୀ ହେବେ। ସେମାନେ ପୃଥିବୀର ଅଧିକାରୀ ହେବେ।" ଜଣେ ବାସ୍ତବିକ ଖ୍ରୀଷ୍ଟିୟାନ, ବିଶ୍ୱାସ ଦ୍ୱାରା, ଉପରକୁ ଅନାଏ ଓ ତାହା ଦେଖେ। ଆପଣ ତାହାଙ୍କୁ ଯାହା ଇଚ୍ଛା ତାହା ଡାକନ୍ତୁ। ସେ ଆପଣାର ଚକ୍ଷୁଗୁଡିକ ଉପରକୁ ଉଠାଇଲେ। ଆଉ ଯେତେବେଳେ ସେ ତାହା କଲେ, ପରମେଶ୍ୱର କହିଲେ, "ଅବ୍ରହାମ୍, ଏହି ଦେଶ ମଧ୍ୟ ଦେଇ ତୁମେ ଚାଲ, ଏହା ସବୁ ତୁମର ଅଟେ।" ବିଶ୍ୱାସ ଦ୍ୱାରା, ଅବ୍ରହାମ ତାହା କଲେ; ଠିକ୍ ସେହି ସମାନ ବିଶ୍ୱାସ ଯାହାକି ମୋଶାଙ୍କ ପାଖରେ ଥିଲା।

100 ଜଣେ ସମାଲୋଚକଙ୍କ ଦ୍ୱାରା ଏହା ଲେଖା ଯାଇଥିଲା, ଯିଏକି ଏହା କହିଥିଲେ। ମୁଁ ଭାବେ ଏହା ସବୁଠୁ ସୁନ୍ଦରତମ ଶବ୍ଦମାନ ଥିଲା। ଯେ ଅବ୍ରା-…"ମୋଶା ଜଗତର ସର୍ବୋତ୍ତମ ବିଷୟ ନେଲେ ଓ ତରାଜୁର ଗୋଟିଏ ପଟରେ ରଖିଲେ; ପୁଣି ଧର୍ମର ନିକୃଷ୍ଟ ବିଷୟ ନେଲେ, ଓ ଆର ପଟରେ ଥୋଇଲେ; ଆଉ ଧର୍ମର ନିକୃଷ୍ଟ ବିଷୟ ଥିବା ପଲାଟି ଜଗତର ସର୍ବୋତ୍ତମ ବିଷୟର ପଲାଠାରୁ ଅଧିକ-ଭାରି ହୋଇଗଲା।"

101 ଆଜି ଠିକ୍ ସେହିପରି ହିଁ ଅଟେ, ଯେ ଯଦି ଆମକୁ ଯେକୌଣସି ନାମରେ ଡକାଯାଏ ଯେଉଁ ନାମରେକି ଡକାଯିବାକୁ ଆମେ ଚାହିଁଥାଉ, "ଧର୍ମପାଗଳ," ଅବା "ଦିବ୍ୟ ସୁସ୍ଥକାରୀ," କିଅବା "ପବିତ୍ର-ପାଖଣ୍ଡ," ଅବା ଯାହାକିଛି ସେମାନେ ଡାକିବାକୁ ଚାହାଁନ୍ତି। ନିକୃଷ୍ଟ ଯେ ଆମେମାନେ,

ଜଗତ ଧାରଣ କରିପାରିବାରେ ସକ୍ଷମ ସବୁଠୁ ସର୍ବୋତ୍ତମ ବିଷୟକୁ ଓଜନରେ-ପରାସ୍ତ କରିଦେବା। ସେମାନେ "ପୁରୁଣା-କାଳିଆ, ପୁରାତନ ନିର୍ବୋଧ, ଧର୍ମୋନ୍ମତ୍ତ" ବୋଲି କୁହାଇବାକୁ ପସନ୍ଦ କରନ୍ତି ନାହିଁ। ଏହା ତ ସେହି ସର୍ବୋତ୍କୃଷ୍ଟ ବିଷୟକୁ ଯାହାକି ଶୟତାନ ପାଖରେ ଆପଣଙ୍କୁ ଦେବା ପାଇଁ ଅଛି ତାହାକୁ ହରାଇ-ଦେବ। ସୁନିଶ୍ଚିତ ଭାବରେ ଏହା ତାହା କରିବ।

102 ମୋଶା ଖ୍ରୀଷ୍ଟଙ୍କ ନିମନ୍ତେ ନିନ୍ଦାକୁ ଅଧିକ ପ୍ରିୟ ମନେ କରିଥିଲେ। ସେ ଖ୍ରୀଷ୍ଟଙ୍କୁ ପୂର୍ବଦୃଷ୍ଟିରେ ଦେଖିଥିଲେ। ପରେ ସେ ତାହାଙ୍କ ବିଷୟରେ କେତେକ ଶକ୍ତିଶାଳୀ ପ୍ରେରଣାର ବାକ୍ୟ କହିଥିଲେ। "ଦେଖ, ସଦାପ୍ରଭୁ ତୁମ୍ଭର ପରମେଶ୍ୱର ମୋ' ସଦୃଶ ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ଛିଡ଼ା କରିବେ।" ସେ ଜାଣିଥିଲେ। ସେ ତାହାଙ୍କୁ ପୂର୍ବରୁ ଦେଖିଥିଲେ, ଓ ତାହାଙ୍କର ନିମନ୍ତେ ନିନ୍ଦାକୁ ଜଗତର ସମସ୍ତ ଚାକଚକ୍ୟତାଠାରୁ ଅଧିକ ଶ୍ରେଷ୍ଠତର ଧନ ବୋଲି ମନେ କଲେ।

103 ହେ ଖ୍ରୀଷ୍ଟିୟାନ ବନ୍ଧୁ, ଆଜି, କ'ଣ ତୁମେ ତାହା କରିପାରିବ ନାହିଁ? ଆଉ ଜଗତର ସମସ୍ତ ଚାକଚକ୍ୟତା ଓ ଲୋକପ୍ରିୟତା ଥିବା ସତ୍ତ୍ୱେ, ବିଶ୍ୱାସ ଦ୍ୱାରା, ଆମେ ତାହାଙ୍କୁ ଦେଖୁ ଯିଏକି ପ୍ରତିଜ୍ଞା କରିଅଛନ୍ତି। ଆଉ ମଣ୍ଡଳୀ ଆଜି, ତା'ର ସବୁଠୁ ନିକୃଷ୍ଟ ଅବସ୍ଥାରେ ଥିବା ସତ୍ତ୍ୱେ, ତଥାପି ଏହା ସେହି ସମସ୍ତ ବିଷୟକୁ ପରାସ୍ତ-କରିଦେବ ଯାହାକି ଶୟତାନ ଆପଣଙ୍କୁ ପ୍ରଦାନ କରିପାରେ। ଯଦି ଆମେମାନେ ଭାଙ୍ଗି ଯାଇଥାଉ, ଯଦି ଆମେମାନେ ଖଣ୍ଡ ଖଣ୍ଡ ବିଭାଜିତ ହୋଇ ଯାଇଥାଉ, ଯଦି ଆମେମାନେ ନାମଧାରୀ ସଂସ୍ଥାମାନରେ ଓ ଧର୍ମପାଗଳାମୀରେ, ଭ୍ରମିତ ହୋଇ ବିଖଣ୍ଡିତ ହୋଇ ଯାଇଥାଉ, ତଥାପି ଏହା ସେହି ଯେକୌଣସି ବିଷୟକୁ ପରାସ୍ତ-କରିବ ଯାହାକି ଶୟତାନ ଆପଣଙ୍କୁ ପ୍ରଦାନ କରିପାରେ। ନିଶ୍ଚିତରେ।

104 ସେ ମିସରର ସମସ୍ତ ଧନ ଅପେକ୍ଷା ଖ୍ରୀଷ୍ଟଙ୍କ ନିନ୍ଦାର ସହଭାଗୀ ହେବାକୁ ଶ୍ରେଷ୍ଠରେ ଧନ ବୋଲି ମନେ କଲେ। ତା'ପରେ ତାହାଙ୍କୁ କିଛି କରିବାକୁ ପଡ଼ିଥିଲା। ସେ ମିସରକୁ ଅଗ୍ରାହ୍ୟ କରିଥିଲେ। ଓଃ, ମୁଁ ସେହି ଶବ୍ଦକୁ କେତେ ଭଲ ପାଏ। ସେ ମିସରକୁ ଅଗ୍ରାହ୍ୟ କରିଥିଲେ। ଦେଖନ୍ତୁ, ସେ ସେହି ସମାନ ଝରକା ଦେଇ ଦେଖୁଥିଲେ, ମାତ୍ର ସେ ଫାରୋଠାରୁ ଭିନ୍ନ ଦେଖୁଥିଲେ। କଅଣ ହୋଇଥାଆନ୍ତା ଯଦି ଫାରୋ ତା'ର ନିଜର ଶେଷ ଦଶାକୁ ଦେଖିପାରିଥା'ନ୍ତେ? କଅଣ ହୋଇଥାଆନ୍ତା ଯଦି ଫାରୋ ତା'ର ରାଷ୍ଟ୍ରକୁ ବୁଡ଼ିଯିବାର ଦେଖିଥା'ନ୍ତେ? ମୋଶା ତାହା ଦେଖିଥିଲେ। କିପରି? ବିଜ୍ଞାନ ଦ୍ୱାରା? ବିଶ୍ୱାସ ଦ୍ୱାରା, ମୋଶା ତାହା ଦେଖିଥିଲେ। ଯାହାସବୁ କିଛି ସେ କରିଥିଲେ ତାହା ବିଶ୍ୱାସ ଦ୍ୱାରା ଥିଲା, କାରଣ ପରମେଶ୍ୱର ତାହାର ପିତୃପୁରୁଷ, ଅବ୍ରହାମକୁ, ପ୍ରତିଜ୍ଞା କରିଥିଲେ, ଯେ ସେ—ସେ ଚାରିଶହ ବର୍ଷ ପରେ ଏହି ରାଷ୍ଟ୍ରକୁ ପୁଣିଥରେ ପରିଦର୍ଶନ କରିବେ, ଓ ସେମାନଙ୍କୁ ବାହାରି କରି ଆଣିବେ। ଆଉ ବିଶ୍ୱାସ ଦ୍ୱାରା, ମୋଶା ସେହି ବାକ୍ୟକୁ ବିଶ୍ୱାସ କରିଥିଲେ ଯାହା ପରମେଶ୍ୱର କହିଥିଲେ, ଓ ପୁଣି ବିଶ୍ୱାସ ଦ୍ୱାରା, ନିଜେ ଏହା ଜାଣିଥିଲେ ଯେ, ସେମାନଙ୍କୁ ବାହାର କରି ଆଣିବା ପାଇଁ

ସେ ହିଁ ମନୋନୀତ ନେତା ହେବେ। ସେ ଜାଣିଥିଲେ ଯେ ସେ କେଉଁଠାରେ ଅଛନ୍ତି। ସେ ନିଜର ସ୍ଥାନକୁ ଏକ ମାଟି କାଦୁଅ ଚକଟୁଥିବାର ଲୋକ ଭାବରେ, ସେହି କାଦୁଅ ଗାଡ଼ା ଭିତରେ ନେଲେ, ଓ ମିସରର ସିଂହାସନରେ ବସିବା ଅପେକ୍ଷା ଖ୍ରୀଷ୍ଟଙ୍କ ନିନ୍ଦାର ସହଭାଗୀ ହେବାକୁ ଶ୍ରେଷ୍ଠତର ଧନ ବୋଲି ମନେ କଲେ। ସେ ନେଲେ...ସେ ଏପରି କେବେହେଲେ କହିଲେ ନାହିଁ ଯେ, "ମୁଁ ତାହା ସହିତ ସହାନୁଭୂତି ରଖେ।" ସେ ସେମାନଙ୍କର ସ୍ଥାନ ନେଲେ ଓ ସେମାନଙ୍କ ସହିତରେ ଗଲେ! ମହିମା ହେଉ...ସେ ସେମାନଙ୍କର ସ୍ଥାନ ନେଲେ। ଆମେ ସେମାନଙ୍କ ସହିତରେ ଗଲୁ।

105 ଏଥିରେ କିଛି ଆଶ୍ଚର୍ଯ୍ୟ ନାହିଁ ଯେ ପ୍ରେରଣାରେ ହୋଇ ଲେଖକ ଜଣକ ଏହା ଲେଖିଲେ ଯଥା:

> ମୁଁ ପ୍ରଭୁଙ୍କର ଅଳ୍ପ ତୁଚ୍ଛୀକୃତ ଲୋକମାନଙ୍କ ସହିତରେ ମୋ'ର ମାର୍ଗ ଗ୍ରହଣ କରିବି।
> ମୁଁ ଯୀଶୁଙ୍କ ସହିତରେ ଆରମ୍ଭ କରିଅଛି, ବର୍ତ୍ତମାନ ମୁଁ ତାହା ଦେଇ ଯାଉଅଛି।
> ମୁଁ କିଣାନ ଦେଶର ମୋ'ର ମାର୍ଗରେ ଯାଉଅଛି। (ନିଶ୍ଚିତରେ।)

106 ମୋଶା। କେହି ଜଣେ ଏହା କହିଥିଲେ ଯେ ମୋଶା ତ ଏହା ମନୋନୟନ କଲେ, ଯେତେବେଳେକି ସେ ଫାରୋଙ୍କ ପୁତ୍ର ହୋଇପାରିଥା'ନ୍ତେ ଓ ଜଗତର ଚାକଚକ୍ୟତା ତାହାଙ୍କ ପାଖରେ ରହିଥା'ନ୍ତା, ସେତେବେଳେ ସେ ଫାରୋଙ୍କ ପୁତ୍ର ହେବା ଅପେକ୍ଷା ବରଂ ଅବ୍ରହାମଙ୍କର ପୁତ୍ର ହେବାକୁ ପସନ୍ଦ କଲେ। ଫାରୋଙ୍କ ପୁତ୍ର, ରାଜା ହେବା ଅପେକ୍ଷା ଅବ୍ରହାମଙ୍କର ଏକ ପୁତ୍ର, ତୁଚ୍ଛୀକୃତ, ହେବାକୁ ସେ ପସନ୍ଦ କଲେ।

107 ମୁଁ ତ ବରଂ ପ୍ରଭୁ ଯୀଶୁଙ୍କର ପୁତ୍ର ହେବି, ଓ ତାହାଙ୍କର ଦାସ ହେବି, ଓ ଏହି ଜଗତର ଅସ୍ୱୀକୃତ ଲୋକମାନଙ୍କ ସହିତରେ ନିଜର ସ୍ଥାନ ନେବି, ଏହା ଅପେକ୍ଷା ଯେ ମୁଁ ଏହି ମହାନ ଯୁକ୍ତ ରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ହୁଏ, କିଅବା ଏକ ଏଲ୍‌ଭିସ୍ ପ୍ରେସ୍‌ଲୀ ହୁଏ, ଅବା ଏକ ପେଟ୍ ବୁନ୍ ହୁଏ, ଅଥବା ଆପଣ ଯାହା କାହାରିକୁ କରିବାକୁ ଚାହାଁନ୍ତି ତାହା ହୁଏ। ମୁଁ ତ ମୋ'ର ମାର୍ଗ ଗ୍ରହଣ କରିବି।

108 ଯୁବା ସ୍ତ୍ରୀଲୋକମାନେ ସେମାନଙ୍କର ମାର୍ଗକୁ ଗ୍ରହଣ କରିବା ଉଚିତ୍ ଅଟେ। ଜଣେ—ଜଣେ ମେରୀ ପିକ୍‌ଫୋର୍ଡ୍, କିଅବା କୌଣସି ମହାନ ସିନେ ତାରକା, କୌଣସି ଅତି ସୁନ୍ଦରୀ ଝିଅ ହେବା ଅପେକ୍ଷା, ଆପଣମାନେ ପ୍ରଭୁଙ୍କର ତୁଚ୍ଛୀକୃତ ଅଳ୍ପ ଲୋକମାନଙ୍କ ସହିତରେ ନିଜର ମାର୍ଗକୁ ଗ୍ରହଣ କରନ୍ତୁ।

109 ମୁଁ ତ ଇଂରାଜୀ ସିନେମା ଜଗତ ହଲିଉଡ୍‌ର ଏକ ସିନେ ତାରକା ହେବା ଅପେକ୍ଷା, କିଅବା ପୃଥିବୀର ସବୁଠୁ ମହାନ ବ୍ୟକ୍ତି ହେବା ଅପେକ୍ଷା, ବରଂ ପ୍ରଚାର ମଞ୍ଚରେ ଜଣେ ପ୍ରଚାରକ ହେବି, ଓ ଖ୍ରୀଷ୍ଟଙ୍କର ଅନନୁସନ୍ଧେୟ ଧନ ବିଷୟରେ ପ୍ରଚାର କରୁଥିବି। ଯଦି ମୋତେ ସ୍ୱଳ୍ପ

ଖାଇବାକୁ ପଡ଼େ, ଭିଖ ମାଗିବାକୁ ପଡ଼େ, କିଅବା ମୋତେ ଯାହାକିଛି କରିବାକୁ ପଡ଼େ, ମୁଁ ତ ମୋ'ର ମାର୍ଗ ପ୍ରଭୁଙ୍କର ଲୋକମାନଙ୍କ ସହିତରେ ନେବି। ବିଶ୍ୱାସ ଦ୍ୱାରା, ମୁଁ ତାହା କରେ। ମୋତେ ସୁଯୋଗମାନ ପ୍ରଦାନ କରାଯାଇଥିଲା। ମାତ୍ର, ପ୍ରଭୁଙ୍କ ଅନୁଗ୍ରହ ଯୋଗୁଁ, ମୁଁ ଏବେ ମଧ୍ୟ ବିଶ୍ୱାସ ଦ୍ୱାରା ଦେଖେ।

ବିଶ୍ୱାସ ଦ୍ୱାରା ମୁଁ ଅତି ଦୂରକୁ ଦେଖିପାରେ;
ଆଉ ମୋହର ପିତା ମାର୍ଗରେ କରନ୍ତି ଅପେକ୍ଷା ସେଠାରେ,
ଆମ ପାଇଁ କରିବାକୁ ନିର୍ମାଣ ଏକ ବାସସ୍ଥାନ ସେଠାରେ।

110 ଅନ୍ୟ ଏକ ଦିନେ, ଜଣେ ଆୟକର ବ୍ୟକ୍ତି କହିଲେ, "ଆପଣ କାହିଁକି ନିଜର ଘରକୁ ସେହି ମଣ୍ଡଳୀ ପ୍ରତି ଦେଇଦେଲେ? ଏକ ପଚିଶ-ହଜାର-ଡଲାର ଘରକୁ ସେହି ବାଜେ-ଦିଶୁଥିବା ପୁରୁଣା ସାନ ଆରାଧନାଳୟକୁ ଦେଇ ଦେବା ପାଇଁ ଆପଣଙ୍କୁ କ'ଣ ପ୍ରବର୍ତ୍ତାଇଲା?"

111 ମୁଁ ଉତ୍ତର ଦେଲି, "ଏହା ସେହି ମଣ୍ଡଳୀ ନୁହେଁ ଯାହା ପାଇଁ ମୁଁ ତାହା କଲି। ଏହା ତ ସେଠାରେ ଥିବା ସେହି ଲୋକମାନେ ଅଟନ୍ତି।" ମୋ' ପାଖରେ ଏହି ଜଗତର କୌଣସି ହେଲେ ବିଷୟବସ୍ତୁ ନାହିଁ। ଯାହାକିଛି ଧନରାଶି ମୁଁ କେବେ ନେଇଛି ତାହାର ପ୍ରତ୍ୟେକଟି ପଇସା ଏହି ମଣ୍ଡଳୀ ପ୍ରତି ଦେଇଅଛି। କାହିଁକି? ମୋ'ର ବିଶ୍ୱାସ ପରମେଶ୍ୱରଙ୍କ ଉପରେ ଅଟେ, ଏହି ଜଗତର ବିଷୟବସ୍ତୁ ଉପରେ ନୁହେଁ। ମୋ'ର ଇଚ୍ଛା ପସନ୍ଦ ଉର୍ଦ୍ଧ୍ୱରେ ଅଟେ। ଆଉ ମୁଁ ବିଶ୍ୱାସ କରେ ଯେ ଆପଣ ସମସ୍ତଙ୍କର ମଧ୍ୟ ସମାନ ଅଟେ, ଯଦି ଆପଣମାନେ ପରମେଶ୍ୱରଙ୍କ ସହିତରେ ଠିକ୍ ଅଛନ୍ତି। ଏହା ସତ ଅଟେ ଯେ, ଆପଣମାନେ ତାହା ଅଟନ୍ତି। ଆମେମାନେ, ବିଶ୍ୱାସ ଦ୍ୱାରା, ଗ୍ରହଣ କରୁ। ଆମେମାନେ, ବିଶ୍ୱାସ ଦ୍ୱାରା, ପରମେଶ୍ୱରଙ୍କୁ ପ୍ରତ୍ୟୟ କରୁ।

112 ମୋଶା, ତାହାଙ୍କୁ ଏକ ମନୋନୟନ କରିବାକୁ ପଡ଼ିଥିଲା। ଆଉ ତା'ପରେ ତାହାଙ୍କୁ, ମନୋନୟନ କଲା ଉତ୍ତାରେ, ତାହାଙ୍କୁ ବିଶ୍ୱାସର ଯୁଦ୍ଧ ଲଢ଼ିବାକୁ ପଡ଼ିଥିଲା, ସେତେବେଳେ, କାରଣ ସେ ରାଜାଙ୍କର କ୍ରୋଧକୁ ଭୟ କରି ନ ଥିଲେ। ତେବେ, ମାନବୀୟ ଭାବରେ, ତାହାଙ୍କଠାରେ କ୍ରୋଧକୁ ଭୟ କରିବାର ଏକ ଅଧିକାର ଥିଲା। ରାଜାଙ୍କର କ୍ରୋଧକୁ ଭୟ କରିବାର ଏକ ଅଧିକାର ତାହାଙ୍କଠାରେ ଥିଲା, ମାତ୍ର ସେ ତାହା କଲେ ନାହିଁ। ସେ ତାହା ସେପରି କଲେ ନାହିଁ, କାରଣ ତାହାଙ୍କର କରିବା ପାଇଁ ଏକ କାର୍ଯ୍ୟ ରହିଥିଲା, ଆଉ ସେ ସେହି କର୍ତ୍ତବ୍ୟର ପଥରେ ଥିଲେ। ଆଉ ସେ ତାହାର ଖାତିର କଲେ ନାହିଁ ଯେ ରାଜା ତାହା ବିଷୟରେ କ'ଣ କହିଲେ। ସେ ତ ଠିକ୍ ସେହି ସମାନ ଭାବରେ ନିଜର ମାର୍ଗକୁ ଗ୍ରହଣ କରିଚାଲିଲେ।

113 ତେବେ, ଫାରୋ, ଅବଶ୍ୟ, ଯେତେବେଳେ ସେ ଦେଖିଲେ ଯେ ସେ ପରାସ୍ତ ହୋଇଗଲେଣି, ସେ ମୋଶାଙ୍କୁ ଓ ସନ୍ତାନମାନଙ୍କୁ ଦେବା ପାଇଁ ଇଚ୍ଛା କଲେ...ସେ କହିଲେ, "ଠିକ୍ ଅଛି, ମୁଁ ତୁମମାନଙ୍କୁ କହୁଅଛି ଯେ ମୁଁ କ'ଣ କରିବି। ତୁମେମାନେ ସମସ୍ତେ ଏହି ଦେଶରେ ରୁହ ଆଉ ପୁଣି ବାହାରକୁ ଯାଇ ନିଜର ପରମେଶ୍ୱରଙ୍କ ନିମନ୍ତେ ବଳିଦାନ କର।"

114 ଠିକ୍ ଏହିପରି ଭାବରେ ହିଁ ଶୟତାନ କାର୍ଯ୍ୟ କରିଥାଏ। "ଓଃ, ଆପଣ ଧାର୍ମିକ ହୋଇପାରନ୍ତି। କାହିଁକି ଆପଣମାନେ ଯାଇ କୌଣସି ମଣ୍ଡଳୀ ସହିତ ସମ୍ମିଳିତ ହୋଇ ଯାଉନାହାଁନ୍ତି? ଆପଣଙ୍କୁ ତ ଏହିସବୁ ବିଷୟ କରିବାର କୌଣସି ଦରକାର ନାହିଁ।" ଜଣେ ବ୍ୟକ୍ତି ତା'ର ପତ୍ନୀକୁ କହେ...

115 ସେହି ପତ୍ନୀଟି କହେ, "ସ୍ୱାମୀ, ମୁଁ ଉଦ୍ଧାରପ୍ରାପ୍ତ ଅଟେ।ଆଉ କୌଣସି ଆଙ୍ଗୁଳି ନଖର ସାଜସଜ୍ଜା ନୁହେଁ, କିଅବା ଓଷ୍ଠରେ ରଙ୍ଗ ଲଗାଇବା ନୁହେଁ ଓ ପ୍ରଭୃତି ବିଷୟସବୁ ନୁହେଁ। ସେହିପରି ବିଷୟ ଆଉ ଅଧିକ ନୁହେଁ। ଆଉ ଅଧିକ ଆମୋଦ ପ୍ରମୋଦର ସାମୂହିକ ମିଳନ ନୁହେଁ। ଆଉ ଅଧିକ ଏହି ସାମାଜିକ ବିଷୟମାନ ନୁହେଁ। ମୁଁ ଏହି ସବୁଥିରୁ କ୍ଷାନ୍ତ ଅଟେ! ମୁଁ ମୋ'ର ସମୟକୁ ପରମେଶ୍ୱରଙ୍କ ବାକ୍ୟ ପଠନ କରିବାରେ, ଓ ଘରର ଯତ୍ନ ନେବାରେ ଦେବି।"

116 "ତେବେ, ପ୍ରିୟେ, ଦେଖ। ତୁମେ, ତୁମେ ଧାର୍ମିକ ହୋଇପାର, ତାହା ଠିକ୍ ଅଛି। ତେବେ, ଦେଖ, ତୁମେ—ତୁମେ *ଏଠାକୁ* ଯାଅ। ତୁମେ ଭୁଲ ମଣ୍ଡଳୀଟି ପାଇଅଛ।"

117 ନା, ତୁମେ ନୁହଁ। ତୁମେ ଠିକ୍ ମଣ୍ଡଳୀରେ ଅଛ। ଯଦି ତୁମେ ଏପରି ଗୋଟିଏ ପ୍ରଚାରକ ପାଇଅଛ ଯିଏକି ତୁମକୁ ତାହା ପ୍ରଚାର କରିବେ, ତାହାହେଲେ ତୁମକୁ ତାହା ସହିତରେ ରହିବା ଉଚିତ୍ ଅଟେ। ପବିତ୍ରଶାସ୍ତ୍ରରେ ତାହା ଖୋଜି ଦେଖନ୍ତୁ ଯେ ଯଦି ତାହା ଠିକ୍ ଅଟେ କି ନୁହେଁ।

118 "ଓଃ," ସେ କହେ, "*ଏଠାକୁ* ଯାଅ। ସେମାନଙ୍କୁ—ସେମାନଙ୍କୁ ତ ଏଠାରେ ତାହାସବୁ କରିବାର କୌଣସି ଦରାକାର ନାହିଁ। ବୁଝିଲ? ସେମାନେ ଏହାସବୁ ଏଠାରେ କରନ୍ତି ନାହିଁ।" ତାହାହିଁ ମାର୍ଗ ଅଟେ..."କେବଳ ସେତିକି ଦୂରକୁ ଯାଅ।" ମାତ୍ର ସେ ଚାହେଁ ନାହିଁ ଯେ ଆପଣ ଏହି ଦେଶରୁ ବାହାରିଯାଆନ୍ତୁ। ଠିକ୍ ଏହି ପ୍ରକାରେ ହିଁ ଶୟତାନ କରିଥାଏ। ସେ ଚାହେଁ ନାହିଁ ଯେ ଆପଣ ଜଗତର ବିଷୟବସ୍ତୁଠାରୁ ବାହାରି ଯାଆନ୍ତୁ; ବରଂ ଚାହେଁ ଯେ ଜଗତକୁ ସାଙ୍ଗରେ ଘେନି ମଣ୍ଡଳୀ ଭିତରକୁ ଆସିଯାଆନ୍ତୁ।

119 ଅନ୍ୟ ଏକ ଦିନେ, ରାସ୍ତାରେ ଆସୁଥିବାବେଳେ ମୁଁ ମୋ'ର ରେଡିଓକୁ ଚାଲୁ କଲି। ଆଉ ସେଠାରେ ଗୋଟିଏ—ଗୋଟିଏ ଗୀତ ବାଜୁଥିଲା, ଆଉ ମୁଁ ତାକୁ ଶୁଣି ରହିଲି, ଆଉ ତାହା ମୋତେ, ପ୍ରାୟଃ, ସମ୍ପୂର୍ଣ୍ଣ ଗୀତଟି ଶୁଣିବାକୁ ପଡ଼ିଥିଲା, ଏହା ପୂର୍ବରୁ କି ମୁଁ ଏହା କହିପାରିଥା'ନ୍ତି ଯେ ତାହା ସମ୍ପୂର୍ଣ୍ଣ ଭାବରେ ଗୋଟିଏ ଧାର୍ମିକ ଗୀତ ଥିଲା କି ନୁହେଁ, କିଅବା ଶୟତାନ ପରମେଶ୍ୱରୀୟ ବିଷୟବସ୍ତୁଗୁଡ଼ିକୁ ତଳକୁ ଜଗତର ନିମ୍ନ ସ୍ତରକୁ ମଧ୍ୟକୁ ଆଣିବାକୁ ଚେଷ୍ଟା କରୁଅଛି। ଆପଣ ତାହା କରିପାରନ୍ତି ନାହିଁ! ପରମେଶ୍ୱର ଦୟା କରନ୍ତୁ!

120 ମୁଁ ଏଥିର ଚିନ୍ତା କରେ ନାହିଁ ଯେ ଏଲ୍‌ଭିସ୍ ପ୍ରେସ୍‌ଲୀ କେତେ ସବୁ ଉତ୍ତମ ଧାର୍ମିକ ଗୀତମାନଙ୍କର, କେତେ ଗୁଡ଼ାଏ ସଂଗ୍ରହ ରଚନା କରିଥାଏ। ସେ ତ ତଥାପି ଶୟତାନର ବଶୀଭୂତ ଅଟେ। ସେ ଏହି ଦିନରେ ସମସ୍ତ ଜଗତରେ, ମୋ'ର ଜାଣିବାରେ ତା'ର ଅଙ୍ଗୀଭଙ୍ଗୀ ଦ୍ୱାରା, କେତେ ଅଧିକ ସନ୍ତାନମାନଙ୍କୁ ନରକକୁ ପଠାଇଅଛି। ପେଟ୍ ବୁନ୍ ଓ ସେମାନଙ୍କ

ମଧ୍ୟରୁ ଅବଶିଷ୍ଟ ଲୋକମାନେ, ସେ ଚର୍ଚ୍ଚ ଅଫ୍ କ୍ରାଇଷ୍ଟ ମଣ୍ଡଳୀରୁ ଅଟେ; ଓ ଏଲ୍‌ଭିସ୍ ପ୍ରେସ୍‌ଲୀ, ଜଣେ ପେଣ୍ଟିକଷ୍ଟାଲ ଅଟେ; ସେମାନେ ସେହି ଲୋକମାନଙ୍କ ଭେଷରେ, ଯିହୂଦା ଇଷ୍କାରିୟାତୀ ଅଟନ୍ତି । ଶୟତାନ ପରମେଶ୍ୱରଙ୍କ ଉଚ୍ଚୀକୃତ ବିଷୟସବୁକୁ ତଳକୁ ଆଣିବାକୁ ଚେଷ୍ଟା କରୁଅଛି, ଯେପରିକି ସେମାନେ ସେସବୁକୁ *ଏଠା*ରେ ତଳେ ମିଶ୍ରିତ କରିପାରିବେ । ଲୋକମାନେ *ଏହାଠାରୁ* ଆଉ ଅଧିକ ଉପରକୁ ଅନାନ୍ତି ନାହିଁ । ସେମାନେ କେବଳ *ଏଠାକୁ* ଦେଖନ୍ତି, ଓ କହନ୍ତି, "ତେବେ, ଏହା ସବୁ ତ ସମାନ ହିଁ ଅଟେ ।" ଏହା ସମାନ ନୁହେଁ । ସେହି ଦେଶରୁ ବାହାରିଯାଅ ।

121 ସେ କହେ, "ତୁମେ ଅଳ୍ପ କେତେ ଦିନ ପାଇଁ ଯାଇପାର । ଆଉ ତୁମେ ଯାଅ, ସେହି ଦେଶରେ ରୁହ ।" ନିଶ୍ଚିତରେ, ସେ ଜାଣିଥିଲା ଯେ ସେମାନେ ଫେରିଆସିବେ । ତା'ପରେ ସେ ଦେଖିବାକୁ ପାଇଲା ଯେ ତାହା କାର୍ଯ୍ୟକାରୀ ହେବ ନାହିଁ, ଏଣୁକରି ସେ ଅନ୍ୟ କିଛି ଗୋଟାଏ ଭିନ୍ନ ବିଷୟ ଚିନ୍ତା କଲା । ସେ କହିଲା, "ମୁଁ ତୁମମାନଙ୍କୁ କହୁଅଛି ଯେ ତୁମେ କ'ଣ କରିବ । ତୁମମାନଙ୍କୁ ଯେଉଁଠାକୁ ଯିବାର ଇଚ୍ଛା ତୁମେମାନେ ବାହାରିଯାଅ, ମାତ୍ର ତୁମେମାନେ ତୁମର ପତ୍ନୀମାନଙ୍କୁ, ତୁମର ସମସ୍ତ ସନ୍ତାନମାନଙ୍କୁ, ଓ ତୁମର ସମସ୍ତ ପଶୁପଲ ଆଦିକୁ, *ଏଠା*ରେ ପଛରେ ଛାଡ଼ିଯାଅ । ତୁମେ ସେମାନଙ୍କୁ ଏଠାରେ ଛାଡ଼ିଦିଅ, ଓ ତୁମେମାନେ ବାହାରିଯାଅ ।" କାରଣ, ସେ ଜାଣିଥିଲା ଯେ ସେମାନଙ୍କର ସେଠାରେ ପଛରେ ଧନ ସମ୍ପତ୍ତି ଅଧିକାରଗୁଡ଼ିକ ରହିଥିଲା, ଯାହାକି ସେମାନଙ୍କୁ ଆକର୍ଷିତ କରି ଫେରାଇ ଆଣିବ ।

122 ଆଉ ତାହା ହିଁ ଅଟେ ଯାହାକି ଶୟତାନ ଆପଣମାନଙ୍କୁ କହିଥାଏ । ଆଉ ଠିକ୍ ଯେପର୍ଯ୍ୟନ୍ତ ଆପଣ ଜଗତର କିଛି ବିଷୟମାନକୁ ଆପଣଙ୍କଠାରେ ଝୁଲି ଲାଗିରହିବା ପାଇଁ ଛାଡ଼ି ଦେଇଥାଆନ୍ତି, ଆପଣ ଏବେ ମଧ୍ୟ ଧୂମ୍ରପାନ କରିବାକୁ ଇଚ୍ଛା କରନ୍ତି, ଆପଣ ମଦ୍ୟପାନ କରିବାକୁ ଇଚ୍ଛା କରନ୍ତି, ଆପଣ ଜଗତ ପରି ବସ୍ତ୍ର ପରିଧାନ କରିବାକୁ ଇଚ୍ଛା କରନ୍ତି, ଆଉ ତାହା ତ ଠିକ୍ ସେତିକି ହିଁ ଉତ୍ତମ ବିଷୟ ଅଟେ ଯେତିକି କି ଶୟତାନ ଆପଣଙ୍କଠାରୁ ଚାହିଁଥାଏ ।

123 ମୁଁ ପଶ୍ଚାତଗାମୀ ହେବା ବିଷୟରେ ଏତେ ଅଧିକ ଶୁଣିଥାଏ । ମୁଁ ବିଶ୍ୱାସ କରେ ନାହିଁ ଯେ ସେତେ ଅଧିକ ପଶ୍ଚାତଗାମୀ ହେବା ବିଷୟ ରହିଛି ଯେତେକି ଲୋକମାନେ ଅଛି ବୋଲି ଭାବିଥାନ୍ତି । ସେମାନେ ତ କେବଳ ଏତେ ଅଧିକ ଧନ ସମ୍ପତ୍ତିମାନ ମିସରରେ ଛାଡ଼ି ଦେଇଥାଆନ୍ତି ଯାହାକି ସେମାନଙ୍କୁ ଆକର୍ଷିତ କରି ଫେରାଇ ଆଣିଥାଏ, କେବଳ ସେତିକି ହିଁ ଅଟେ । ପଶ୍ଚାତଗାମୀ ହେବା ବିଷୟମାନ ତାହା ନୁହେଁ ଯାହାକି ଅଟେ ବୋଲି ସେମାନେ କହିଥାଆନ୍ତି । ଆପଣ ଜଗତର ବହୁତ ଅଧିକ ବିଷୟ ସେଠାରେ ପଛରେ ଛାଡ଼ିଦେଇ ଆସିଥାନ୍ତି, ଯାହାକି ଆପଣଙ୍କୁ ଆକର୍ଷିତ କରିଥାଏ ।

124 ଭାଇ, ମୁଁ ଆପଣଙ୍କୁ କହୁଛି, ଯେତେବେଳେ ଅର୍ଦ୍ଧରାତ୍ରିରେ, ଇସ୍ରାଏଲ ଯିବା ପାଇଁ ପ୍ରସ୍ତୁତ ହେଲା, ସେମାନଙ୍କ ପାଖରେ ଏହି ଜଗତରେ ଯାହାକିଛି ଧନ ସମ୍ପତ୍ତି ରହିଥିଲା, ସେସବୁକୁ ସେମାନେ ଗଣ୍ଠିଲି ବାନ୍ଧିଦେଲେ ଓ ଯିବା ପାଇଁ ପ୍ରସ୍ତୁତ ହେଲେ ।

125 ପରମେଶ୍ୱର ଆମମାନଙ୍କୁ ସେହିପରି ଏକ ଉଦ୍ଦୀପନା ପ୍ରେରଣ କରନ୍ତୁ । ଆମେମାନେ ସବୁକିଛି ପୁଟୁଳୀ ବାନ୍ଧିଦେଉ, ଓ ଯିବା ପାଇଁ ପ୍ରସ୍ତୁତ ହେଉ । ଅର୍ଦ୍ଧରାତ୍ରିର ଚିତ୍କାର ଆସୁଅଛି, "ତାହାଙ୍କୁ ସାକ୍ଷାତ କରିବାକୁ ବାହାର ହୁଅ ।" ଉତ୍ତମ ହେବ ଯେ ଆପଣ ସବୁକିଛି ପୁଟୁଳୀ ଗଣ୍ଠି ବାନ୍ଧିଦିଅନ୍ତୁ । ଭଲ ହେବ ଯେ ଆପଣଙ୍କଠାରେ ଏହି ଜଗତର, କୌଣସି ହେଲେ ବିଷୟ ନ ଥାଉ, ଯାହାକି ଆପଣଙ୍କୁ ଆକର୍ଷିତ କରିଦେବ, ଏପରି କୌଣସି ଡୋରୀକୁ ରଖନ୍ତୁ ନାହିଁ ଯାହାକି ଆପଣଙ୍କୁ ପଛକୁ ଟାଣିଦେବ । ପୁଟୁଳୀ ବାନ୍ଧିଦିଅନ୍ତୁ । ଆସନ୍ତୁ ପ୍ରସ୍ତୁତ ହୋଇଯିବା । ଆମେମାନେ ଯାଉଅଛୁ ।

126 ଆଉ କ'ଣ ଆପଣମାନେ ଜାଣିଛନ୍ତି କି? ମୁଁ ଆପଣମାନଙ୍କୁ କହୁଅଛି, ଯେ ସେମାନେ ପରମେଶ୍ୱରଙ୍କ ପ୍ରତି ଏତେ ଅଧିକ ସଚ୍ଚୋଟ ଥିଲେ ଯେ, ଏପରିକି ଫାରୋ ଅର୍ଦ୍ଧରାତ୍ରିରେ ଉତ୍ତେଜିତ ହୋଇଉଠିଲେ, ସେ କହିଲେ, "ବାହାରି ଯାଅ! ବାହାରି ଯାଅ, ଓ ଯିବାର ଆରମ୍ଭ କର । ତୁମମାନଙ୍କର ଯାହାକିଛି ଅଛି ତାହା ସବୁ ନିଅ, ଓ ପଳାଇ ଯାଅ!"

127 ମୁଁ ଅତିଶୟ ଆନନ୍ଦିତ ଅଟେ ଯେ ଜଣେ ବ୍ୟକ୍ତି ପରମେଶ୍ୱରଙ୍କର ଏତେ ଅଧିକ ସମୀପତାରେ ଜୀବନ ଯାପନ କରିପାରେ ଯେ, ଏପରିକି ଶୟତାନ ସୁଦ୍ଧା ଏହା ଜାଣେ ନାହିଁ ଯେ ତାହା ସହିତ କ'ଣ କରିବାକୁ ଅଛି । ତାହା ଠିକ୍ ଅଟେ । ବାହାରି ଯାଅ! ଯିବାର ଆରମ୍ଭ କର! ପରମେଶ୍ୱରଙ୍କ ଆଜ୍ଞା ପାଳନ କର!

128 ବିଶ୍ୱାସ ଦ୍ୱାରା, ସେ ପ୍ରତିଜ୍ଞାକୁ ଦେଖିଲେ । ମାଟି କାଦୁଅ ଚକଟୁଥିବାର ଲୋକ ହେଉ, କିଅବା ନ ହେଉ, ସେ ପ୍ରଭୁଙ୍କର ତୁଚ୍ଛୀକୃତ ଅଳ୍ପ ଲୋକମାନଙ୍କ ସହିତରେ ନିଜର ମାର୍ଗକୁ ଗ୍ରହଣ କରିନେଲେ । ଫାରୋ କହିଲେ, "ତୁମର ଯାହାକିଛି ଅଛି ତାହା ସବୁ ଘେନିଯାଅ ଓ ଏଠାରୁ ପଳାୟନ କର! ତୁମ ସହିତ କ'ଣ କରିବାକୁ ଅଛି ମୁଁ କିଛି ଜାଣେନାହିଁ ।" ବିଶ୍ୱାସ ଦ୍ୱାରା, ସେ ପରମେଶ୍ୱରଙ୍କ ପ୍ରତି ଏତେ ଅଧିକ ସଚ୍ଚୋଟ ଥିଲେ ।

129 ବିଶ୍ୱାସ ଆଶ୍ଚର୍ଯ୍ୟକର୍ମମାନ ସାଧନ କରିବ ଯଦି ଆପଣ ପରମେଶ୍ୱରଙ୍କ ପ୍ରତି ସଚ୍ଚୋଟ ରହିବେ । ବିଶ୍ୱାସ ଦ୍ୱାରା, ଆମେ ତାହାଙ୍କୁ ଦେଖୁ ।

ଆମର ସମୟ ଶେଷ ହୋଇଯାଇଅଛି; ଆମେ ସମୟ ଅତିକ୍ରମ କରିଯାଇଅଛୁ ।

130 ମାତ୍ର, ବିଶ୍ୱାସ ଦ୍ୱାରା, ଆଜି ସକାଳରେ, ଆପଣାର ଚକ୍ଷୁଗୁଡ଼ିକ ଉପରକୁ ଉଠାନ୍ତୁ । ଏହି ଆଧୁନିକ ଜଗତକୁ ଯାହାକି ଆପଣଙ୍କର ଚାରିପାଖରେ ଅଛି, ତାହା ପ୍ରତି ଦୃଷ୍ଟିପାତ କରନ୍ତୁ ନାହିଁ, ବରଂ ଅନାଇ ତାହାଙ୍କୁ ଦେଖନ୍ତୁ ଯିଏକି ପ୍ରତିଜ୍ଞା ଦେଇଅଛନ୍ତି । ବାଇବଲ କହେ, "ଆମେମାନେ ବର୍ତ୍ତମାନ ସମସ୍ତ ବିଷୟକୁ ସିଦ୍ଧରୂପେ ଦେଖୁ ନାହୁଁ, ମାତ୍ର ଆମେ ଯୀଶୁଙ୍କୁ ଦେଖିଥାଉ ।" ଆଜି ସକାଳରେ, ଆପଣ ତାହାଙ୍କ ଆଡ଼କୁ ଅନାନ୍ତୁ, ଓ ଆପଣଙ୍କର ମାର୍ଗସକଳ ବଦଳିଯିବ ।

131 ଯେତେବେଳେକି ଆମେ ଅଳ୍ପକ୍ଷଣ ପାଇଁ, ପ୍ରାର୍ଥନାର ଏକ ଶବ୍ଦ ନିମନ୍ତେ, ଆମର ମସ୍ତକଗୁଡ଼ିକୁ ନତ କରୁ । ପ୍ରଭୁ ସନ୍ଦେଶ ସହିତ ତାହାଙ୍କର ଆଶୀର୍ବାଦକୁ ଯୋଗ କରନ୍ତୁ ।

132 ବର୍ତ୍ତମାନ ନିଜର ହୃଦୟରେ ଚିନ୍ତା କରନ୍ତୁ। କଅଣ ଆପଣ ଜଗତର ବିଷୟଗୁଡ଼ିକ ପ୍ରତି ଦୃଷ୍ଟି ରଖିଅଛନ୍ତି? ବିଶ୍ୱାସ ଦ୍ୱାରା, କଅଣ ଆପଣ ଯୀଶୁଙ୍କୁ ଦେଖନ୍ତି? କଅଣ ଆପଣ ନିଜର ଲୋକପ୍ରିୟତାକୁ, ନିଜର ମଣ୍ଡଳୀକୁ ଦେଖୁଅଛନ୍ତି? ଜଗତ ସହିତରେ ଆପଣଙ୍କର ସାମାଜିକ ସ୍ଥିତି କଅଣ ଅଟେ? ଅଥବା, କ'ଣ ଆପଣ ଯୀଶୁଙ୍କୁ, ଦୟାରେ ବିଗଳିତ ହୋଇ, ସର୍ବୋଚ୍ଚ ସିଂହାସନରେ ମହାରାଜାଙ୍କର ଦକ୍ଷିଣ ହସ୍ତରେ ନିଜକୁ ସ୍ଥାପନ କରିଥିବାର ଦେଖନ୍ତି, ଯିଏକି ଅଧାର୍ମିକ ଲୋକମାନଙ୍କ ନିମନ୍ତେ ଧାର୍ମିକ ସ୍ୱରୂପ ହୋଇ, ଏକ ଶହୀଦ ରୂପରେ ଦୁଃଖଭୋଗ କଲେ? କଅଣ ଆପଣମାନେ ନିଜର ଚକ୍ଷୁଗୁଡ଼ିକ ଉପରକୁ ଉଠାଇ ସେହି ଆରପାରିରେ ଥିବା ଜୀବନର ବୃକ୍ଷକୁ ଦେଖିପାରୁ ନାହାଁନ୍ତି? ତେବେ, ବିଜ୍ଞାନ ଓ ଜ୍ଞାନର ଏହି ବୃକ୍ଷକୁ ପରିତ୍ୟାଗ କରନ୍ତୁ, ଓ ତାହାଙ୍କର ସେବା କରନ୍ତୁ।

133 ଏହା ପୂର୍ବରୁକି ମୁଁ ପ୍ରାର୍ଥନା କରେ କଅଣ ଆପଣ ଚାହିଁବେ ଯେ ଆପଣଙ୍କୁ ପ୍ରାର୍ଥନାରେ ସ୍ମରଣ କରାଯାଉ? କୌଣସି ବି ବିନତୀ ନିମନ୍ତେ ଯାହାକି ଆପଣଙ୍କର ପ୍ରୟୋଜନ ଥାଇପାରେ, ନିଜର ହାତ ଉଠାନ୍ତୁ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ସେ ଆପଣ ସମସ୍ତଙ୍କର ହାତଗୁଡ଼ିକୁ ଦେଖନ୍ତି।

134 ଯଦି ଆପଣ ଜଣେ ପାପୀ ଅଟନ୍ତି, ତେବେ ବର୍ତ୍ତମାନ ନିଜର ଚକ୍ଷୁଗୁଡ଼ିକୁ ଉପରକୁ ଉଠାନ୍ତୁ ଓ ଅନାନ୍ତୁ। ଯଦି ଆପଣ ଉଦାସୀନ ହୋଇ ରହିଛନ୍ତି, ଯଦି ଆପଣଙ୍କର ଛୋଟ ଛୋଟ କଳି ଝଗଡ଼ାମାନ ଓ ଛୋଟ ଛୋଟ ବିଷୟମାନ ରହିଅଛି, ତେବେ ଏଥିରେ କ'ଣ ଫରକ ପଡ଼େ? ଆପଣ ତ ଏହି ଦିନମାନଙ୍କ ମଧ୍ୟରୁ ଗୋଟିଏ ଦିନ ମୃତ୍ୟୁବରଣ କରିବାକୁ ଯାଉଅଛନ୍ତି। କେଉଁ ଦିନ? ହୋଇପାରେ ଆଜି! ଆପଣ ଜାଣିନାହାଁନ୍ତି। ଏବେଠାରୁ ନେଇ ଆଉ ଏକ ଘଣ୍ଟା ଭିତରେ, ଆପଣ ନରକରେ ଥାଇପାରନ୍ତି, କିଅବା ଆପଣ ସ୍ୱର୍ଗରେ ଥାଇପାରନ୍ତି। ମାତ୍ର ଆପଣଙ୍କୁ ତ ବର୍ତ୍ତମାନ ହିଁ ବାଛିବାକୁ ଅଛି। ଯଦି ଆପଣଙ୍କ ଜୀବନରେ ଏପରି କିଛି ବିଷୟ ଅଛି ଯାହାକି ଠିକ୍ ନାହିଁ, ତେବେ ଆପଣ ବର୍ତ୍ତମାନ ହିଁ, ବିଶ୍ୱାସ ଦ୍ୱାରା ବାଛି ନିଅନ୍ତୁ।

135 ଆପଣ କହନ୍ତି, "ତେବେ, ଯଦି ମୁଁ ତାହା ସହିତ କେବଳ ହିସାବ ବରାବର କରିପାରେ! ଯଦି ମୁଁ ତାହା ସହିତ ହିସାବ ବରାବର କରିପାରେ!" ଏଥିରେ କିଛି ଯାଏ ଆସେ ନାହିଁ ଯେ ସେମାନେ କ'ଣ କରିଅଛନ୍ତି, ଆପଣ ଜୀବନକୁ ବାଛନ୍ତୁ। ଜୀବନକୁ ବାଛନ୍ତୁ।

136 ଯେହେତୁ, ଯୀଶୁ କହିଲେ, "ଯଦି ତୁମେ ତୁମର ହୃଦୟରେ ପ୍ରତ୍ୟେକ ସେହି ବ୍ୟକ୍ତିର ଅପରାଧ କ୍ଷମା କରିବ ନାହିଁ, ତେବେ ତୁମର ସ୍ୱର୍ଗୀୟ ପିତା ମଧ୍ୟ ତୁମର ଅପରାଧଗୁଡ଼ିକ କ୍ଷମା କରିବେ ନାହିଁ।" ଏଣୁ ଏହାକୁ ଭଲ ଭାବରେ ବୁଝି ନିଅନ୍ତୁ। ଯଦି ଆପଣଙ୍କ ହୃଦୟରେ କୌଣସି ବ୍ୟକ୍ତି ବିରୁଦ୍ଧରେ, ସେ ପାପୀ ହୁଅନ୍ତୁ କିଅବା ଏକ ସାଧୁ ହୁଅନ୍ତୁ କିଛି କଥା ରହିଥାଏ, ତାହାହେଲେ ଆପଣ ନରକର ଅଗ୍ନିର ବିପଦ ଘେରାରେ ଅଛନ୍ତି।

137 ତେବେ ନିଜର ଚକ୍ଷୁକୁ ଉପରକୁ ଉଠାନ୍ତୁ । ଆପଣ କ'ଣ ଦେଖନ୍ତି, ଆପଣଙ୍କର ଶତ୍ରୁକୁ? କିଅବା, ଆପଣ ନିଜର ତ୍ରାଣକର୍ତ୍ତାଙ୍କୁ ଦେଖନ୍ତି? ଆଜି ସକାଳରେ ଆପଣ କେଉଁ ବିଷୟ ପ୍ରତି ଦୃଷ୍ଟିପାତ କରୁଅଛନ୍ତି?

138 ଯଦି ଆପଣ ଅସୁସ୍ଥ ଅଛନ୍ତି, ଓ ଆପଣଙ୍କର ଚିକିତ୍ସକ କହେ ଯେ ଆପଣ ଭଲ ହୋଇପାରିବେ ନାହିଁ, ତେବେ ନିଜର ଚକ୍ଷୁକୁ, ସେହି କ୍ରୁଶ ଆଡ଼େ ଉପରକୁ ଉଠାନ୍ତୁ, ଯେଉଁଠାରେକି ସେ ଆମମାନଙ୍କର ଅପରାଧଗୁଡ଼ିକ ପାଇଁ ହତ ହୋଇଥିଲେ, ପୁଣି ତାହାଙ୍କର କୋରଡ଼ା ମାଡ଼ ଖାଇବା ଦ୍ୱାରା ଆମେ ସୁସ୍ଥତା ଲାଭ କରିଅଛୁ । ଚିକିତ୍ସକ କ'ଣ କହେ ତାହା ପ୍ରତି ଦୃଷ୍ଟିପାତ କରନ୍ତୁ ନାହିଁ; ସେ ତ ବିଜ୍ଞାନରେ କାର୍ଯ୍ୟ କରୁଅଛି । ବିଶ୍ୱାସ ତ ଆତ୍ମା ଓ ପରମେଶ୍ୱରଙ୍କ ପରିସରରେ କାର୍ଯ୍ୟ କରିଥାଏ । ତେବେ ଆସନ୍ତୁ ଆମେମାନେ ବର୍ତ୍ତମାନ ଏହିସବୁ ବିଷୟ ଉପରେ ଚିନ୍ତା କରିବା ଯେତେବେଳେକି ଆପଣମାନେ ନିଜର ହାତଗୁଡ଼ିକୁ ଉଠାଇ ରଖିଛନ୍ତି । ପରମେଶ୍ୱର ସେଗୁଡ଼ିକୁ ଦେଖିଛନ୍ତି ।

ଆସନ୍ତୁ ଆମେମାନେ ପ୍ରାର୍ଥନା କରିବା ।

139 ହେ ଅନନ୍ତଜୀବୀ ପରମେଶ୍ୱର, ବର୍ତ୍ତମାନ ଏହି ଆରାଧନାର ନିରବତା ମଧ୍ୟରେ, ଯେତେବେଳେକି ସନ୍ଦେଶ ଦିଆ ଯାଇସାରିଅଛି, ପ୍ରଭୁ, ହେବାକୁ ଦିଅ ଯେ ତୁମର ବାକ୍ୟର ସେହି ବୀଜଗୁଡ଼ିକ, ପଥୁରିଆ ଭୂମି ଉପରେ ନ ପଡୁ । ପ୍ରଭୁ, ଏହି ସନ୍ଦେଶକୁ କଣ୍ଟକଲତା ମଧ୍ୟରେ, କଣ୍ଟାଗଛ ମଧ୍ୟରେ, ପଡ଼ିବାକୁ ନ ଦିଅ, ଯେପରିକି ଏହି ଜୀବନରେ ଚିନ୍ତାଗୁଡ଼ିକ (ଲୋଟ ସଦୃଶ) ତାକୁ ଶ୍ୱାସରୁଦ୍ଧ କରିପକାଏ, ଓ ଶେଷରେ, ତାହା ପରିତ୍ୟକ୍ତ ଅବସ୍ଥାକୁ ଆସିଯାଏ । ମାତ୍ର, ହେ ଆଶୀଷିତ ପରମେଶ୍ୱର, ହେବାକୁ ଦିଅ ଯେ ତାହା ଉତ୍ତମ, ଉର୍ବର ଭୂମି ଉପରେ, ପ୍ରାୟଶ୍ଚିତ ହୃଦୟଗୁଡ଼ିକରେ ପଡୁ । ଆଉ, ହେ ପ୍ରଭୁ, ମୋ' ଉପରେ ମଧ୍ୟ ତାହା ପଡୁ, ଯେପରିକି ଆମେ ସମସ୍ତେ ପରମେଶ୍ୱରଙ୍କ ଦେଖିବାର ଆଇନା ଦେଇ ଅନାଇପାରୁ, ଓ ପ୍ରଭୁ ଯୀଶୁଙ୍କର ପରିତ୍ୟକ୍ତ ମଣ୍ଡଳୀକୁ, ପରିତ୍ୟକ୍ତ ଲୋକମାନଙ୍କୁ, ପରିତ୍ୟକ୍ତ ମାର୍ଗକୁ ଦେଖିପାରୁ, ଓ ଏହି ମହିମାମୟ ମାର୍ଗରେ ଆମେମାନେ ଚାଲିପାରୁ ।

140 ମୋଶା ଯେପରି, ସେ ଏହା ଜାଣି ନ ଥିଲେ ଯେ ସେ କେଉଁଠାକୁ ଯାଉଥିଲେ । ଲୋକମାନେ ଜାଣି ନ ଥିଲେ ଯେ ସେମାନେ କେଉଁଆଡ଼କୁ ଯାଉଥିଲେ । ସେମାନେ ଜାଣି ନ ଥିଲେ ଯେ କେଉଁ ମାର୍ଗ ନେଇଯିବାର ଅଛି । ସେମାନେ କେବଳ ବାହାରିଲେ ।

141 ଆଉ, ହେ ପ୍ରଭୁ ପରମେଶ୍ୱର, ଯେତେବେଳେକି ଏହି ସୁନ୍ଦର ଗୀତଟି ବଜାଯାଉଅଛି, ଯେ ବିଶ୍ୱାସ ଦ୍ୱାରା ଆମେ ସେହି ଆରପାରିର ଦେଶକୁ ଦେଖିପାରୁ । ବର୍ତ୍ତମାନ ଏହା ଏହିପରି ଭାବରେ ହେଉ ଯେ, ଏଠାରେ ଥିବା ପୁରୁଷ ଓ ସ୍ତ୍ରୀଲୋକମାନେ ଏହା ନ ଚିନ୍ତା କରନ୍ତୁ ଯେ ଜଗତ କ'ଣ କହିବାକୁ ଯାଉଅଛି, କିଅବା ସେମାନେ କିପରି ଯାଉଅଛନ୍ତି । ଏହା ହେଉ ଯେ ସେମାନେ କେବଳ ସେମାନଙ୍କର ଆତ୍ମାରେ ଉପରକୁ ଉଠନ୍ତୁ, ଓ ଯାଆନ୍ତୁ ।

142 ମୋଶା ସେହି ପ୍ରକାଶର ଅନୁଗାମୀ ହେଲେ, ଆଉ ଏହା ତାହାଙ୍କୁ ପ୍ରତିଜ୍ଞାତ ଦେଶ ମଧ୍ୟକୁ କଢ଼ାଇ ନେଲା । ସେ ଏହା ଜାଣି ନ ଥିଲେ ଯେ ସେ କେଉଁଠାକୁ ଯାଉଥିଲେ, ମାତ୍ର ସେ କେବଳ ସେହି ପ୍ରକାଶରେ ଚାଲି ଚାଲି, ଏପରି ଏକ ଦେଶକୁ ପହଞ୍ଚି ଆସିଲେ ଯାହାକି ଦିବସ ଅପେକ୍ଷା ଅଧିକ ସୁନ୍ଦର ଥିଲା ।

143 ହେ ପ୍ରଭୁ, ଆଜି, ଏହା ପ୍ରଦାନ କର ଯେ, ଅନେକେ ଏଠାରେ ଧର୍ମଶାସ୍ତ୍ରର ଆଲୋକରେ ଏବଂ ପବିତ୍ରଆତ୍ମାଙ୍କର ସହଭାଗୀତାରେ, ଓ ମଣ୍ଡଳୀର ସହିତରେ ଚାଲିବେ; ସେହି ମଣ୍ଡଳୀ, ଯାହାକି ପ୍ରଥମ-ଜାତ, ସେହି ନୂତନ ଜନ୍ମ ପାଇଥିବା ଶିଶୁମାନେ ଯେଉଁମାନେକି ଖ୍ରୀଷ୍ଟଙ୍କୁ ଗ୍ରହଣ କରିଅଛନ୍ତି, ଓ ଆତ୍ମାଙ୍କ ଚାଳନାରେ, ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହୋଇଅଛନ୍ତି । ଏହା ହେଉ ଯେ ଆମେମାନେ ଏକତ୍ର ମିଶି, ପରମେଶ୍ୱରଙ୍କ ବିଷୟବସ୍ତୁର ଚାରିପାଖେ, ଏହି ସହଭାଗୀତାରେ ଚାଲୁ, ଓ ବାପ୍ତିସ୍ମରେ, ତାହାଙ୍କର ମୃତ୍ୟୁ, କବର, ଓ ପୁନରୁତ୍‌ଥାନର ଆଜ୍ଞାବହତାରେ, ତାହାଙ୍କର ସେବା କରୁ । ଏହା ହେଉ ଯେ ଆମେମାନେ ତାହାଙ୍କର ଆଜ୍ଞାରେ ତାହାଙ୍କୁ ସେବା କରୁ, "ଉର୍ଦ୍ଧ୍ୱରୁ ଶକ୍ତିପ୍ରାପ୍ତ ନ ହେବା ପର୍ଯ୍ୟନ୍ତ ତୁମ୍ଭେମାନେ ଯିରୂଶାଲମରେ ରହିଥାଅ ।" ଏହା ହେଉ ଯେ ଆମେମାନେ ଦିବ୍ୟ ସୁସ୍ଥୀକରଣରେ, ଅସୁସ୍ଥ ଲୋକମାନଙ୍କ ନିମନ୍ତେ ପ୍ରାର୍ଥନା କରିବାରେ ତାହାଙ୍କର ସେବା କରୁ । ଆମେମାନେ ଏକ ଚିତ୍ତ, ଏକ ମନ ହୋଇ, ପ୍ରଭୁଭୋଜରେ ରୋଟୀ ଭାଙ୍ଗିବାରେ, ଓ ପରମେଶ୍ୱରଙ୍କ ବାକ୍ୟର ଚାରିଆଡ଼େ ସହଭାଗିତା କରିବାରେ, ତାହାଙ୍କର ସେବା କରୁ । ଏହା ହେଉ ଯେ ଆମେମାନେ ତାହାଙ୍କର ସମସ୍ତ ଦିବ୍ୟ ଅଲୌକିକ ଉପାଦାନରେ ତାହାଙ୍କୁ ସେବା କରୁ, ଯେପର୍ଯ୍ୟନ୍ତକି ସେହି ଦେଶ ଦୃଷ୍ଟିଗୋଚର ହୋଇ ନ ଯାଏ । ପ୍ରଭୁ, ଏହା ପ୍ରଦାନ କର । ଆମର ପ୍ରାର୍ଥନା ଶୁଣ, ଯେତେବେଳେକି ଆମେମାନେ ବର୍ତ୍ତମାନ ସମସ୍ତକିଛି ବିଷୟକୁ, ପ୍ରଭୁ ଯୀଶୁଙ୍କ ନାମରେ ତୁମଠାରେ ସମର୍ପଣ କରୁଅଛୁ ।

144 ତେବେ ଆମମାନଙ୍କର ମସ୍ତକଗୁଡ଼ିକ ନତ ହୋଇଥିବାବେଳେ, ଆସନ୍ତୁ ଆମେମାନେ, ନୀରବତାର ସହ, ଧୀରେ ଧୀରେ କେବଳ ଏହି ଗୀତଟିକୁ ଗାଇବା । ବର୍ତ୍ତମାନ ଏହା ଉପାସନା ଅଟେ । ସନ୍ଦେଶଟି ଶେଷ ହୋଇଯାଇଛି । କେହିହେଲେ ଯିବେ ନାହିଁ । କେବଳ ନୀରବ ରୁହନ୍ତୁ । ଆସନ୍ତୁ ଉପାସନା କରିବା ।

145 ସନ୍ଦେଶଟି ସଂଶୋଧନାତ୍ମକ ଅଟେ । ବର୍ତ୍ତମାନ ତାହା ବିଷୟରେ ଚିନ୍ତା କରନ୍ତୁ ଯାହାକି ଆପଣ କରିଛନ୍ତି, ଏବଂ ଯାହାକି ଆପଣଙ୍କର କରିବାର ଉଚିତ୍ ଥିଲା, ପୁଣି ଯାହାକି ଆପଣଙ୍କୁ ସେପରି ଭାବରେ ଗଢ଼ି ତୋଳିଛି ଯାହା ଆପଣ ଆଜି ଅଛନ୍ତି । ଆଜି, ଆପଣଙ୍କୁ ଯାହା ଦୋଷାରୋପ କରେ, ତାହା ଏହିହେତୁରୁ ଅଟେ ଯାହାକିଛି ଆପଣ ଗତକାଲି କରିଥିଲେ । ତାହା ଆସନ୍ତାକାଲି କ'ଣ ହେବ? ଆଜି ହିଁ ତାହାକୁ ଠିକ୍ କରିନିଅନ୍ତୁ, ଓ ଆସନ୍ତାକାଲି ଆପଣ ଉନ୍ମୁକ୍ତ ରହିବେ । ବୁଝିଲେ? ଆପଣଙ୍କୁ ନିଶ୍ଚିତରେ ଏକ ମନୋନୟନ କରିବା ଉଚିତ୍ ଅଟେ । ଆପଣ ତାହା କିପରି ଭାବରେ କରିପାରିବେ? "ବିଶ୍ୱାସ ଦ୍ୱାରା, ମୁଁ ବର୍ତ୍ତମାନ ସମସ୍ତକିଛି

ବିଷୟକୁ ହୁଗୁଳା ଛାଡ଼ି ଦେଉଅଛି । ମୁଁ ବର୍ତ୍ତମାନ ହୁଗୁଳା ଛାଡ଼ି ଦେଉଅଛି, ଆଉ କୌଣସି ଏକ ଦିନ ମୁଁ ସେଠାକୁ ଯାଉଅଛି ।”

ସୁମଧୁର ଏକ ମାର୍ଗରେ,
ସାକ୍ଷାତ କରିବା ଆମେମାନେ ସେହି ସୁ-...

ତେବେ ନିଜର ଆତ୍ମାରେ ପ୍ରଭୁଙ୍କୁ କେବଳ ଉପାସନା କରନ୍ତୁ ।

ସୁମଧୁର ଏକ ମାର୍ଗରେ,
ସେହି ତୁଚ୍ଛୀକୃତ ମଣ୍ଡଳୀକୁ ଆମେମାନେ ସାକ୍ଷାତ କରିବା । (ଯାତ୍ରା କଷ୍ଟକର, ମାତ୍ର କୌଣସି ଏକ ଦିନେ ଆମେମାନେ ସାକ୍ଷାତ କରିବା ।)

ଉର୍ଦ୍ଧ୍ୱରେ ଥିବା ଆମର ବଦାନ୍ୟତାରେ ପୂର୍ଣ୍ଣ ପିତାଙ୍କୁ,
ପ୍ରଶଂସାର ଆମର ଶ୍ରଦ୍ଧାଞ୍ଜଳୀ ଆମେ କରିବା ଅର୍ପଣ,
ତାହାଙ୍କର ପ୍ରେମର ଏହି ମହିମାମୟ ଉପହାର ନିମନ୍ତେ,
ଆଉ ଆମକୁ ପବିତ୍ର କରୁଥିବାର ସେହି ଆଶୀର୍ବାଦଗୁଡ଼ିକ ନିମନ୍ତେ...

ପରମେଶ୍ୱରଙ୍କ ତୁଚ୍ଛୀକୃତ ଅଳ୍ପ ଲୋକମାନଙ୍କ ସହିତରେ, ବିଶ୍ୱାସ ଦ୍ୱାରା, ମୁଁ ମନୋନୟନ କରେ ।

ସୁମଧୁର (ମଧୁରତାରେ) ମାର୍ଗରେ...(ମାର୍ଗରେ)
ସାକ୍ଷାତ କରିବା ଆମେମାନେ ସେହି ସୁନ୍ଦର ଉପକୂଳରେ; (ମାର୍ଗରେ)
ସୁମଧୁର (ମଧୁରତାରେ) ମାର୍ଗରେ,
ସାକ୍ଷାତ କରିବା ଆମେମାନେ ସେହି ସୁନ୍ଦର ଉପକୂଳରେ ।

ଏକ ଦେଶ ଅଛି ସେଠାରେ ଯାହାକି...

କେବଳ ତାହାଙ୍କୁ ଉପାସନା କରନ୍ତୁ । ଏହାହିଁ ଉପାସନା ଅଟେ ।

...ବିଶ୍ୱାସ ମୁଁ ତାହା ଦେଖିପାରେ,

ବିଶ୍ୱାସ ଦ୍ୱାରା ମୁଁ ମୋ’ର ମନୋନୟନ କରିଥାଏ ।

ଓଃ, ପିତା କରୁଥାଆନ୍ତି ଅପେକ୍ଷା...

146 ମୁଁ ସେଠାରେ ପ୍ରଭୁଙ୍କର ସମସ୍ତଙ୍କୁ ଦେଖେ; ଭାଇ ଜର୍ଜ, ଭାଇ ସୀୱାର୍ଡ଼, ଓ ସମସ୍ତ ସାଧୁଗଣମାନଙ୍କୁ ।

...ସେଠାରେ ଆମର ଏକ ବାସସ୍ଥାନ । (ହଁ, ପ୍ରଭୁ!)
ସୁମଧୁର...

147 ତାହାଙ୍କର ପିତା ହୱାର୍ଡ, ଏଡୱାର୍ଡ, ଆଉ ସମସ୍ତ ପୁରୁଣା ସାଧୁ ବନ୍ଧୁଗଣମାନେ ଯେଉଁମାନେକି ଅନେକ ଅନେକ ବର୍ଷ ପୂର୍ବେ, ବିଗତ ସମୟରେ, ସେହି ମାର୍ଗକୁ ନେଇଥିଲେ ।

ସୁମଧୁର (ହଁ, ପ୍ରଭୁ!) ମାର୍ଗରେ (ମାର୍ଗରେ),
ସାକ୍ଷାତ କରିବା ଆମେମାନେ ସେହି ସୁନ୍ଦର ଉପକୂଳରେ ।

ଗୀତ ଗାନ କରିବା ଆମେମାନେ ସେହି ସୁ-...(ହେ ପରମେଶ୍ୱର!)
ଆଶୀର୍ବାଦର ସୁମଧୁର ଗୀତମାନ, (ପରମେଶ୍ୱରଙ୍କ ମହିମା ହେଉ!)
...ଆଉ ଅଧିକ ଦୁଃଖ ହେବ ନାହିଁ,
ବିଶ୍ରାମର ସେହି ସ୍ଥାନର ଆଶୀର୍ବାଦଗୁଡ଼ିକ ପାଇଁ ଦୀର୍ଘ ନିଶ୍ୱାସ ନୁହେଁ ।

ସୁମଧୁର, ସୁମଧୁର ମାର୍ଗ ଓ...(ମାର୍ଗରେ)
ସାକ୍ଷାତ କରିବା ଆମେମାନେ ସେହି ସୁ-...

**_ବିଶ୍ୱାସ ଦ୍ୱାରା ମୋଶା_** ORI58-0720M

(By Faith, Moses)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଜୁଲାଇ 20, ୧୯୫୮ ରବିବାର ସକାଳରେ ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲ୍ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2021 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

Voice Of God Recordings
P.O. Box 950, Jeffersonville, Indiana 47131 U.S.A.
www.branham.org